# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ:୨, ସଂଖ୍ୟା: ୪୮, ଭୁବନେଶ୍ୱର, ଅକ୍ଟୋବର ୧୩- ଅକ୍ଟୋବର ୧୯, ୨୦୨୫, Vol: 2, Issue: 48, Bhubaneswar, October 13- October 19, 2025 Pages- 8


# ନୂଆପଡ଼ା ଉପ-ନିର୍ବାଚନ ▶ ରାଜ୍ୟ ରାଜନୀତିରେ ନୂଆ ଫର୍ଦ୍ଦ ଯୋଡ଼ିବ

**ଭୁବନେଶ୍ୱର, (ବିମଳ ଅଗ୍ରୱାଲ) :** ମୁଁ ନରେନ୍ଦ୍ର ମୋଦି କିମ୍ବା ମୋହନ ମାଝୀଙ୍କୁ ଦେଖି ଭାଜପାରେ ଯୋଗ ଦେଇନି। ଜୟ ଢୋଲକିଆଙ୍କର ଭାଜପାରେ ଯୋଗଦାନ ପରେ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ବିଧାନସଭାରେ ନୂଆପଡାରୁ ଦୁଇଥର ପ୍ରତିନିଧିତ୍ୱ କରି ଭାଜପାର ପୂର୍ବତନ ଦଳୀୟ ନେତା, ପୂର୍ବତନ କଳାହାଣ୍ଡି ସାଂସଦ ଓ ସର୍ବୋପରି ସଂଘର ବିଚାରଧାରା ସହିତ ଓତଃପ୍ରୋତ ଭାବେ ଜଡ଼ିତ ବସନ୍ତ ପଣ୍ଡାଙ୍କର ପ୍ରତିକ୍ରିୟା। ତେବେ ସେ ଏକଥା ମଧ କହିଛନ୍ତି ଯେ ପାର୍ଟି ତାଙ୍କ ପାଇଁ ମାଆ ଓ ସେ ପାର୍ଟିର ସମସ୍ତ ନିଷ୍ପତ୍ତିକୁ ଗ୍ରହଣ କରିନେବେ। ନିର୍ବାଚନ ପୂର୍ବରୁ ଶାସକ ଦଳକୁ ଆଶାୟୀ ପ୍ରାର୍ଥୀଙ୍କର ପଳାୟନ ବର୍ତ୍ତମାନର ରାଜନୈତିକ ସଂସ୍କୃତିରେ କିଛି ନୂଆ କଥା ନୁହେଁ। ବିଜୁ ଜନତା ଦଳ ମଧ ଅତୀତରେ ସରକାରରେ ଥିଲାବେଳେ ବିରୋଧୀ ଦଳର ଏହିଭଳି ଅନେକ ବଡ଼ ବଡ଼ ନେତାଙ୍କୁ ଆମଦାନୀ ବା ଅପହରଣ କରିଛି। ଓଡ଼ିଶା ବିଧାନସଭାରେ ବିରୋଧୀ ଦଳର ନେତା କଂଗ୍ରେସର ଭୂପିନ୍ଦର ସିଂହ ନିର୍ବାଚନ ବେଳେ ଦଳ ବଦଳେଇ ଶାସକ ବିଜୁ ଜନତା ଦଳରେ ଏବଂ କଂଗ୍ରେସ ଦଳରୁ ସାତଥର ସାଂସଦ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିବା ଗିରିଧର ଗମାଙ୍ଗ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିବା ଉଦାହରଣ ଉଲ୍ଲେଖଯୋଗ୍ୟ। ତେବେ ଜିତିବା ଯେଉଁଠି ଦଳୀୟ ଟିକେଟର ମୁଖ୍ୟ ଆଧାର ସେଠାରେ ବ୍ୟକ୍ତିତ୍ୱ କିମ୍ବା ବିଚାରଧାରା ଗୌଣ ଏବଂ ଏହି ପରମ୍ପରା ମଧ ଏବେ ସାଧାରଣରେ ଗ୍ରହଣୀୟ ହୋଇଗଲାଣି।

ବସନ୍ତ ପଣ୍ଡାଙ୍କ ଭଳି କାର୍ଯ୍ୟକର୍ତ୍ତାଙ୍କର ମାର୍ଗଦର୍ଶକ ନିର୍ବାଚନମଣ୍ଡଳୀକୁ ଯିବାର ମାର୍ଗ ପ୍ରସସ୍ତ ହୋଇଗଲାଣି। ନୂଆପଡ଼ା ଉପନିର୍ବାଚନ ଅନେକ ଦୃଷ୍ଟିରୁ ରୋଚକ ହେବ। ଦୀର୍ଘ ୨୪ ବର୍ଷ ନବୀନ ଶାସନର ଅନ୍ତ ଘଟି ଭାଜପା ଶାସନ ଗାଦୀକୁ ଆସିବା ପରେ ମୋହନ ମାଝୀଙ୍କ ପାଇଁ ଏହା ପ୍ରଥମ ଉପ-ନିର୍ବାଚନ। ଗତ ନିର୍ବାଚନରେ ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଢିଥିବା ବେଳେ ନୂଆପଡାରେ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆ 'ବିଜେଡି' ର ଗଡ଼ ରକ୍ଷା କରିବାରେ ସମର୍ଥ ହୋଇଥିଲେ। ସେ ସମୟରେ ପ୍ରାୟ ପଚାଶ ହଜାରରୁ ଅଧିକ ଭୋଟ ପାଇବା ସହ ଦ୍ୱିତୀୟ ସ୍ଥାନରେ ରହିଥିବା ଘାସିରାମ ମାଝୀ ଏବେ ଭାରତୀୟ ଜାତୀୟ କଂଗ୍ରସର ପ୍ରାର୍ଥୀ ଏବଂ ଭାଜପାର ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ଘାସିରାମ ମାଝୀ କଂଗ୍ରେସ ଦଳର ପ୍ରାର୍ଥୀ ହେବାପରେ ବୋଧହୁଏ ଭାଜପାର ମୁଣ୍ଡିଆଳମାନେ ଅଭିନନ୍ଦନଙ୍କ ଜିତିବାକୁ ନେଇ ନିଶ୍ଚିନ୍ତ ନଥିଲେ । ଏଣୁ ଚାରିଥର 'ବିଜେଡି' ର ପ୍ରାର୍ଥୀ ହୋଇ ଜିତିଥିବା ରାଜେନ୍ଦ୍ର ଢୋଲକିଆଙ୍କ ପୁଅକୁ ପ୍ରାର୍ଥୀ କରି ଢୋଲକିଆଙ୍କର ବ୍ୟକ୍ତିଗତ ଭୋଟବ୍ୟାଙ୍କ ଏବଂ ଅନୁକମ୍ପା ଭୋଟ୍‌ର ଫାଇଦା ଉଠେଇବା ପାଇଁ ଭାଜପା, ଜୟ ଢୋଲକିଆଙ୍କୁ ଦଳରେ ମିଶେଇଛି। କିନ୍ତୁ ଅନୁକମ୍ପା ଭୋଟ ଦଳ ବଦଳକାରୀ ଢୋଲକିଆଙ୍କ ପୁଅଙ୍କ ପାଖକୁ ଯିବ ନା ବିଜୁ ଜନତା ଦଳକୁ ଯିବ ତାହା ସମୟ କହିବ। ପୁନଶ୍ଚ ବସନ୍ତ ପଣ୍ଡାଙ୍କ ଭଳି ସମର୍ପିତ ଓ ପ୍ରତିଷ୍ଠିତ କାର୍ଯ୍ୟକର୍ତ୍ତା, ଆଶାୟୀ ଯଦୁମଣି ପାଣିଗ୍ରାହୀ ଓ ପ୍ରସନ୍ନ ପାଢ଼ୀ ଇତ୍ୟାଦିଙ୍କୁ ଅସନ୍ତୁଷ୍ଟ କରି ଭାଜପା ଏକ ବହୁତ ବଡ଼ ରିସ୍କ ନେଇଛି। ଯଦିଓ ସରକାରୀ ଓ ପ୍ରଶାସନିକ କଳ ଓ ପର୍ଯ୍ୟାପ୍ତ ସମ୍ବଳ ସରକାରୀ ଦଳକୁ ଉପ-ନିର୍ବାଚନରେ ସାହାଯ୍ୟ କରିଥାଏ, ନିଜସ୍ୱ କ୍ୟାଡରଙ୍କ ସମ୍ଭାବ୍ୟ ଅସହଯୋଗ ଫଳାଫଳକୁ କେମିତି ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା।



## ବିଜେଡି ଫର୍ମୁଲା ଆପଣାଉଛି ବିଜେପି

ଅବଶ୍ୟ ଜୟ ଢୋଲକିଆଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ କଳାହାଣ୍ଡି-ନୂଆପଡ଼ାର ଲୋକ ଏବଂ ଆଞ୍ଚଳିକ ରାଜନୀତି ଓ ସଂଗଠନକୁ ସେ ଭଲ ଭାବେ ଜାଣନ୍ତି। ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢି ପଚାଶ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ଘାସିରାମ ମାଝୀଙ୍କୁ କଂଗ୍ରେସ ଦଳ ଟିକେଟ ଦେଇ ଏକ ମାଷ୍ଟରଷ୍ଟ୍ରୋକ ଖେଳିଛି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟ ରୁହନ୍ତି ଏବଂ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାରେ ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ପୂର୍ବରୁ ନୂଆପଡ଼ାରେ ତିନିଥର ଉପ-ନିର୍ବାଚନ ହୋଇଛି ଏବଂ ସବୁଥର ବିଜୟର ରେକର୍ଡ କଂଗ୍ରେସ ଦଳର ହିଁ ରହିଛି। ଏପରିକି ନୂଆପଡ଼ାରୁ ସାତଥର ଜିତିଥିବା ଏବଂ ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିବା ଘାସିରାମ ମାଝୀ (ସିନିୟର)ଙ୍କ ମୃତ୍ୟୁପରେ ୧୯୯୭ରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ପତ୍ନୀ ପ୍ରାର୍ଥୀ ହୋଇଥିଲେ ମଧ ଅନୁକମ୍ପା ଭୋଟ ପାଇ ପାରିନଥିଲେ ଏବଂ ଫଳାଫଳ କଂଗ୍ରେସ ଦଳ ସପକ୍ଷରେ ଯାଇଥିଲା। ତେଣୁ ଘାସିରାମ ମାଝୀ ଏବଂ କଂଗ୍ରେସ ଦଳ ବର୍ତ୍ତମାନ ଏକ ଦୃଢ ସ୍ଥିତିରେ ଅଛନ୍ତି।

ତେବେ ବିଜୁ ଜନତା ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ନକରିବା ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଜୟ ଢୋଲକିଆ ବାରମ୍ବାର ନବୀନବାବୁଙ୍କ ନିଷ୍ପତ୍ତିକୁ ମାନିବା କଥା ସାଧାରଣରେ ପ୍ରକାଶ କରିବା ସତ୍ୱେ ଏବଂ ଦୁଇଦିନ ତଳେ ବିଜୁ ଜନତା ଦଳର ପଦଯାତ୍ରାରେ ତାଙ୍କ ପତ୍ନୀ ଯୋଗ ଦେଇଥିବା ବେଳେ ସେ ଭାଜପାରେ ଯୋଗଦାନ କରୁଛନ୍ତି ବୋଲି କ'ଣ ବିଜେଡି ନେତୃତ୍ୱ ପୂର୍ବ ସୂଚନା ପାଇଥିଲେ କି ? ନଚେତ୍ ନିଜ ଦଳର ସଂଗଠନ ଏବଂ ରାଜନ୍ଦ୍ରଙ୍କ ମୃତ୍ୟୁଜନିତ ଅନୁକମ୍ପା ଭୋଟକୁ ଭରସା କରି ଢୋଲକିଆ ପରିବାରର ଜଣଙ୍କୁ ନୂଆପଡ଼ା ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣାରେ ଦଳ ଏତେ ବିଳମ୍ବ କଲା କାହିଁକି ? ନବୀନବାବୁ ଏକମାସ ପାଖାପାଖି ଦିଲ୍ଲୀରେ ରହି ଭୁବନେଶ୍ୱର ଫେରି ଆସିଲେଣି। ବିଜୁ ଜନତା ଦଳ କି ନିଷ୍ପତ୍ତି ନେଉଛି ତା' ଉପରେ ଅନେକ କିଛି ନିର୍ଭର କରୁଛି। ନବୀନବାବୁ ପ୍ରଚାରକୁ ଓହ୍ଲାଇବା କଥା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ସରକାରରେ ଥିବାବେଳେ ନିଜେ ନିର୍ବାଚନମଣ୍ଡଳୀର ଦାୟିତ୍ୱ ନେବାର ପ୍ରତିଶ୍ରୁତି ଦେଇ ନବୀନବାବୁ ପ୍ରାୟ ସମସ୍ତ ଉପ-ନିର୍ବାଚନ ଜିତି ଯାଉଥିଲେ। କିନ୍ତୁ ଏବେ ସେ ଅବସ୍ଥା ଆଉ ନାହିଁ। ସରକାରରୁ ଯିବା ପରେ ଦଳର ସଂଗଠନ ଦୁର୍ବଳ ହୋଇଛି ଏବଂ ଦଳର ପ୍ରମୁଖ ନେତା ଓ ରଣନୀତିକାରମାନେ ଗୋଷ୍ଠୀ କନ୍ଦଳରେ ବ୍ୟସ୍ତ ଅଛନ୍ତି। ତେଣୁ ପ୍ରାର୍ଥୀଙ୍କର ବ୍ୟକ୍ତିତ୍ୱ ଓ ସଂଗଠନ ସାଧାରଣରେ ଗ୍ରହଣୀୟ ହେବାଭଳି ହୋଇପାରିଲେ ବିଜୁ ଜନତା ଦଳ ଏହି ତ୍ରିମୁଖୀ ପ୍ରତିଦ୍ୱନ୍ଦିତାରେ ସମ୍ମାନଜନକ ସ୍ଥାନରେ ରହିବ। ତେବେ ନୂଆପଡା ଉପ-ନିର୍ବାଚନର ଫଳାଫଳ ରାଜ୍ୟ ରାଜନୀତିରେ ନିଶ୍ଚେ ଅନେକ ନୂଆ ଫର୍ଦ୍ଦ ଯୋଡ଼ିବ।




# ନରୱେ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

'ନିଶୀଥ ସୂର୍ଯ୍ୟର ଦେଶ' କୁହାଯାଉଥିବା ନରୱେ ବିଷୟରେ ଆଜି ଆଲୋଚନା କରିବା, ଯାହାକି ୟୁରୋପ ମହାଦେଶର ଦ୍ୱିତୀୟ ଧନୀଦେଶ ଅଟେ। ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଉତ୍ତରମେରୁ ସମୀପବର୍ତ୍ତୀ, ଏହି ରାଷ୍ଟ୍ରଟି ବିଶ୍ୱର କୋଣ ଅନୁକୋଣରୁ ପର୍ଯଟକମାନଙ୍କୁ ଆକୃଷ୍ଟ କରେ । ଏହାର ପୂର୍ବରେ ସୁଇଡେନ, ଉତ୍ତରରେ ଫିନଲ୍ୟାଣ୍ଡ ଓ ଋଷ, ପଶ୍ଚିମରେ ଡେନମାର୍କ ଓ ଦକ୍ଷିଣରେ ନରୱେଜିଆନ ସମୁଦ୍ର ଅବସ୍ଥିତ ।

ଏହାର କ୍ଷେତ୍ରଫଳ ୩୮୫୨୦୭ ବର୍ଗ କିଲୋମିଟର ଓ ଜନସଂଖ୍ୟା ପ୍ରାୟ ୫୫ ଲକ୍ଷ । ଲୋକସଂଖ୍ୟା ଘନତ୍ୱ ଦୃଷ୍ଟିରୁ ଏହା ବିଶ୍ୱର ନ୍ୟୁନତମ ଜନସଂଖ୍ୟା ଦେଶ । ଏହାର ଏକ ବର୍ଗ କିଲୋମିଟର ପରିଧି ଅଞ୍ଚଳରେ ମାତ୍ର ୧୪ ଜଣ ଲୋକ ବାସ କରନ୍ତି । ଏହାର ଦୀର୍ଘ ୨୬୫୦ କିଲୋମିଟର ସମୁଦ୍ର ତଟ ରହିଛି ।

ଓସ୍ଲୋ ନରୱେର ରାଜଧାନୀ ଓ ବଡସହର। ଏହାର ଅନ୍ୟ ବଡ ସହର ଗୁଡିକ ହେଲା, ବରଗେନ, ଟ୍ରୋନ୍ଦେଇମ ଓ ଷ୍ଟାଭେଞ୍ଜର । ୧୭-୦୫-୧୮୧୪ ରେ ଏହି ଦେଶ ନିଜର ସମ୍ବିଧାନ ପ୍ରଣୟନ କରିଥିଲା । ମେ ମାସ ୧୭ ତାରିଖରେ ନରୱେରବାସୀ ନିଜର ଜାତୀୟ ଦିବସ ପାଳିଥାନ୍ତି । ୧୯୦୫ ମସିହାରେ ନରୱେ ଠାରୁ ଅଲଗା ହୋଇ ସ୍ୱିଡେନ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହେଲା । ଏହି ଦେଶରେ ୭୫ ପ୍ରତିଶତ ଖ୍ରୀଷ୍ଟିଆନ, ୩ ପ୍ରତିଶତ ମୁସଲମାନ ଓ ଅବଶିଷ୍ଟ ଅନ୍ୟ ଧର୍ମାବଲମ୍ବୀ ବାସ କରନ୍ତି ।

ପାଖାପାଖି ତିରିଶ ହଜାର ଭାରତୀୟ ମଧ୍ୟ ନରୱେର ସ୍ଥାୟୀ ଅଧିବାସୀ । ଏହାର ମୁଦ୍ରା ନରୱେଜିଆନ କ୍ରୋନ । ଭାରତୀୟ ମୁଦ୍ରାରେ ଏକ କ୍ରୋନ ,୭ଟଙ୍କା ୫୯ ପଇସା । ଏହାର ଭାଷା ନରୱେଜିୟାନ । ଏଠାରେ ସଂସଦୀୟ ରାଜତନ୍ତ୍ର ପ୍ରଚଳିତ । ଇଂଲଣ୍ଡର ରାଣୀଙ୍କ ପରି ନରୱେର ରାଜା ସେଠାକାର ଶାସନ ମୁଖ୍ୟ । ୨୧-୫-୨୦୧୨ ସମ୍ବିଧାନ ସଂଶୋଧନ ଅନୁଯାୟୀ ରାଜା ସାମରିକ ଓ ଧାର୍ମିକ ବିଭାଗର ମୁଖ୍ୟ ଅଟନ୍ତି । ତେବେ ଆମ ଦେଶ ଭଳି ଶାସନ ପରିଚାଳନା ଭାର ପ୍ରଧାନମନ୍ତ୍ରୀଙ୍କ ଉପରେ ନ୍ୟସ୍ତ ଥାଏ ।

ନରୱେର ଅର୍ଥନୀତି ଖୁବ ସୁଦୃଢ । କୁଶଳୀ ଶିକ୍ଷିତ ଶ୍ରମିକ ଗୋଷ୍ଠୀ, ସଚ୍ଚୋଟ ଦେଶପ୍ରେମୀ ଜନସାଧାରଣ, ଅପର୍ଯ୍ୟାପ୍ତ ତୈଳସମ୍ପଦ, ଭାରୀଶିଳ୍ପ, ଖଣିଜ ସମ୍ପଦ, କେମିକାଲ୍ସ ଓ ପର୍ଯ୍ୟଟନ ଶିଳ୍ପ ଆଦି ଏହାର ଅର୍ଥନୀତିର ମୂଳ ଉତ୍ସ । ଏହା ବିଦେଶକୁ ପେଟ୍ରୋଲ, ପେଟ୍ରୋଲ ଜାତ ଦ୍ରବ୍ୟ, ମେସିନାରୀ, ଖଣିଜ ପଦାର୍ଥ, କେମିକାଲ୍ସ ଓ ଜାହାଜ (ships) ଓ ସମୁଦ୍ର ମାଛ ରପ୍ତାନୀ କରେ । ଏହା ବିଦେଶରୁ ଅଶୋଧିତ ପେଟ୍ରୋଲ, ନିକେଲ, ଲୌହ, ଆଲୁମିନିୟମ, ଅକ୍ସାଇଡ ଓ ଖାଦ୍ୟଶସ୍ୟ ଆଦି ଆମଦାନୀ କରେ। ଗୋମାଂସ, ଘୁଷୁରୀମାଂସ, ପୋଲଟ୍ରି, ମେଣ୍ଢାମାଂସ, ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ, ପନିପରିବା ଓ ଗହମରେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନରୱେର କୃଷକମାନେ ସମର୍ଥ। ଏହାର ଶକ୍ତିଶାଳୀ ଜିଡିପି ୩୬୬ ବିଲିଅନ ଡଲାର ଓ ମୁଣ୍ଡପିଚ୍ଛା ୬୭୯୮୭ ଡ଼ଲାର । ବେକାରୀ ଓ ଅପରାଧୀକ ହାର ଏଠାରେ ନଗଣ୍ୟ ।

### ଆସନ୍ତୁ ଜାଣିବା ନରୱେ ଦେଶ ବିଷୟରେ କେତେକ ରୋଚକ ତଥ୍ୟ:

ଏହି ଦେଶରେ ଅପରାଧର ହାର ନଗଣ୍ୟ । ବିଳମ୍ବିତ ରାତ୍ରିରେ ମହିଳାମାନେ ନିର୍ଭୟରେ ଚଳପ୍ରଚଳ ହୁଅନ୍ତି । ତେବେ ଛୋଟବଡ ଅପରାଧ, ଏଠାରେ କିଛି ମାତ୍ରାରେ ଦେଖାଯାଏ, ଯେଉଁଥିରେ ପ୍ରାୟ ବାହାର ଦେଶର ନାଗରିକମାନେ ସଂପୃକ୍ତ ଥାଆନ୍ତି । ଏଠାରେ ଫାଶୀଦଣ୍ଡ କିମ୍ବା ଆଜୀବନ ଜେଲଦଣ୍ଡର ବ୍ୟବସ୍ଥା ନାହିଁ । ସର୍ବାଧିକ ଜେଲଦଣ୍ଡର ଅବଧି ୨୧ ବର୍ଷ। ଓସ୍ଲୋ ସହର ଠାରୁ ୭୫ କିଲୋମିଟର ଦୂରରେ ଏକ ଦ୍ୱୀପରେ ଏକମାତ୍ର 'ବେଷ୍ଟଓଏ' ଜେଲ ଅବସ୍ଥିତ । ଏହି ଜେଲଟି ତାରକା ହୋଟେଲ ସହ ତୁଳନୀୟ । ଏଠାରେ ବନ୍ଦୀମାନେ ରାଜକୀୟ ଜୀବନ ବିତାନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ, ଏଲଇଡି ଟିଭି, ଇଣ୍ଟରନେଟ ଓ ଉଚ୍ଚମାନର ଖାଦ୍ୟ ପରସା ଯାଏ। ବନ୍ଦୀମାନଙ୍କୁ କୌଣସି ଶାରୀରିକ ପରିଶ୍ରମ କରିବାକୁ ପଡି ନଥାଏ ।



ଏହି ଦେଶର ଅଧିବାସୀ ପୁସ୍ତକ ପ୍ରିୟ। ବିଶ୍ୱର ସର୍ବାଧିକ ପୁସ୍ତକ ପଢ଼ିବାରେ ନରୱେବାସୀଙ୍କ ରେକର୍ଡ ରହିଛି । ପ୍ରତ୍ୟେକ ବ୍ୟକ୍ତି, ବର୍ଷକୁ ପାଖାପାଖି ୫୦୦୦ ଟଙ୍କାର ପୁସ୍ତକ କ୍ରୟ କରନ୍ତି । ସରକାର ମଧ୍ୟ ପୁସ୍ତକ ପ୍ରକାଶନକୁ ପ୍ରୋତ୍ସାହନ ଦିଅନ୍ତି । କୌଣସି ନୂତନ ପୁସ୍ତକ ପ୍ରକାଶିତ ହେଲେ ସରକାର ୧୦୦୦ କପି ବିଭିନ୍ନ ଲାଇବ୍ରେରୀ ପାଇଁ କିଣି ନିଅନ୍ତି । ବର୍ଷକୁ ପ୍ରାୟ ୨୦୦୦ ନୂଆ ପୁସ୍ତକ ପ୍ରକାଶିତ ହୋଇଥାଏ । ଏଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ । ଏପରିକି ବିଦେଶର କୌଣସି ଛାତ୍ର ନରୱେରେ ପଢିଲେ ତାର ଖର୍ଚ୍ଚ ସରକାର ବହନ କରନ୍ତି । ଅନ୍ୟ ପକ୍ଷରେ ନରୱେର ଛାତ୍ର ବିଦେଶରେ ପଢୁଥିଲେ ସରକାର ପାଠ ପଢ଼ା ଦାୟିତ୍ୱ ନେଇଥାନ୍ତି ।

ସରକାର ଶିଶୁମାନଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ । ଶିଶୁ-ଶ୍ରମ ତ ଦୂରର କଥା, ୧୨ ବର୍ଷର କମ ଶିଶୁଙ୍କୁ ବିଜ୍ଞାପନରେ ବି ଦେଖାଯାଏ ନାହିଁ । ପିଲାମାନଙ୍କୁ ପିତାମାତା ଶାରୀରିକ ଦଣ୍ଡ ନଦେବା ପାଇଁ ଆଇନ ରହିଛି । ଯଦି ଏପରି କିଛି ଘଟଣା ସରକାରଙ୍କ ଦୃଷ୍ଟିକୁ ଆସେ ତାହେଲେ ପିତାମାତାଙ୍କୁ ଦଣ୍ଡିତ କରି ଶିଶୁକୁ ସରକାର ନିଜ ଦାୟିତ୍ୱକୁ ନେଇଯାନ୍ତି । ନରୱେବାସୀଙ୍କ ଉଚ୍ଚତା ବିଶ୍ୱରେ ସର୍ବାଧିକ । ସେଠାରେ ହାରାହାରି ଉଚ୍ଚତା ୫ ଫୁଟ ୧୧ ଇଞ୍ଚ। ପୁରୁଷ ମାନଙ୍କର ଦୁଇଟି ଲୋକପ୍ରିୟ ନାମ Odd I Even । ନରୱେର ଅଧିବାସୀ ଭୂତପ୍ରେତକୁ ବିଶ୍ୱାସ କରନ୍ତି । ଏଠାରେ ଏକ ସହରର ନାମ ହେଲ୍ । ରେଳ ଷ୍ଟେସନରୁ ଓହ୍ଲାଇ ସହର ଭିତରକୁ ଗଲାବେଳେ ରାତିରେ ପାଖ ଜଙ୍ଗଲରୁ ବିକଟାଳ ଶବ୍ଦ ଶୁଣିବାକୁ ମିଳିଥାଏ ।

୮୭୨ ମସିହାରୁ ନରୱେରେ ରାଜତନ୍ତ୍ର ପ୍ରଚଳିତ ଥିଲା । ବର୍ତ୍ତମାନର ରାଜା ହେରାଲ୍ଡ ୫ମ, ୧୯୯୧ ମସିହାରୁ ଶାସନ କ୍ଷମତାରେ ଅଛନ୍ତି । ତାଙ୍କର ପିତା ଓଲାଓ ୫ମଙ୍କ ମୃତ୍ୟୁ ପରେ ସେ କ୍ଷମତାସୀନ ହେଲେ । ରାଜାଙ୍କ ପ୍ରେମ କାହାଣୀ ବିଷୟରେ ଏକ ରୋଚକ ତଥ୍ୟ ଶୁଣିବାକୁ ମିଳେ । ରାଜା ଏକ ଗରିବ ଲୁଗା ବ୍ୟବସାୟୀଙ୍କ ସୁନ୍ଦରୀ କନ୍ୟାକୁ ଭଲ ପାଇ ବିବାହ କରିବା ପାଇଁ ଅଡ଼ି ବସିଲେ । ଏହା ନରୱେର ରାଜବଂଶର ପରମ୍ପରାକୁ ବିରୁଦ୍ଧାଚରଣ କରୁଥିଲା କିନ୍ତୁ ରାଜା ବିବାହ ନକଲେ, ଆଜୀବନ ଅବିବାହିତ ରହିବେ ବୋଲି ନିଜ ଜିଦରେ ଅଟଳ ରହିଲେ ।

ଯାହାହେଉ ପରମ୍ପରାକୁ ପରିବର୍ତ୍ତନ କରି ନରୱେର ସରକାର ପ୍ରଥମଥର ପାଇଁ ରାଜାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ, ତାଙ୍କ ପ୍ରେମିକା ସହିତ ବିବାହ କରାଇ ଦେଲେ । ରାଜାଙ୍କ ସେଦିନର ପ୍ରେମିକା ସୋଞ୍ଜା ହେରାଲ୍ଡସନ ବର୍ତ୍ତମାନ ନରୱେର ରାଣୀ । ରାଜା ହେରାଲ୍ଡଙ୍କ ପିତା ଓଲାଓ, ଜଣେ ସାଦାସିଧା ଓ ନିରାଡମ୍ବର ବ୍ୟକ୍ତି ଥିଲେ । ରାଜା ଥିଲା ବେଳେ,ସେ ଟାଉନବସରେ ଯାତାୟାତ କରୁଥିଲେ । ସେ ଜଣେ ଦକ୍ଷ ନାବିକ ଓ କ୍ରୀଡାବିତ ଥିଲେ । ସେ ୧୯୨୮ ମସିହାରେ ଅନୁଷ୍ଠିତ ଅଲମ୍ପିକ ଖେଳରେ ଗୋଲ୍ଡମେଡାଲ ଜିତିଥିଲେ ।

ନରୱେର ସ୍ଥାନୀୟ ଅଧିବାସୀ ତାଙ୍କର ଦେଶର ନାମକୁ ଘକ୍ଟକ୍ସୟଙ୍ଗରଶ ଉଚ୍ଚାରଣ କରନ୍ତି, ଯାହାର ଅର୍ଥ 'ଉତ୍ତରକୁ ରାସ୍ତା'। ୨୦୧୩ ମସିହାରେ ନରୱେ ବିଶ୍ୱର ସବଠାରୁ ଶାନ୍ତି ପ୍ରିୟ ଦେଶ ସୂଚନାଙ୍କରେ ସ୍ଥାନିତ ହୋଇଥିଲା । ୨୦୧୭ ମସିହାରେ ଏହା ଏଫେଏମ୍ ରେଡ଼ିଓ ସେବା ବନ୍ଦ କରିଥିଲା । ୨୦୦୮ ମସିହାରେ ନିଲ୍ସ ଓଲାଭ ନାମକ ଏକ ପେଙ୍ଗୁଇନକୁ ସେନାବାହିନୀ ରେ ବିଶେଷ ସେବା ପାଇଁ 'ନାଇଟ' ଉପାଧି ଦିଆଯାଇ ଥିଲା । ଦ୍ୱିତୀୟ ଶିଶ୍ୱଯୁଦ୍ଧରେ ନରୱେର ମାତ୍ର ୧୦ ଜଣ ପୋଲିସ ନିହତ ହୋଇଥିଲେ । ନରୱେରେ କୁକୁରକୁ ବାନ୍ଧି ରଖିବା ଧର୍ତ୍ତବ୍ୟ ଅପରାଧ ଅଟେ। କେବଳ ବିଶେଷ ପରିସ୍ଥିତିରେ କୁକୁରକୁ ବନ୍ଧା ଯାଇପାରିବ ।



୨୦୧୧ ମସିହାରେ ନରୱେରେ ଲହୁଣୀ (butter)ର ଅଭାବ ଦେଖାଯିବାରୁ ଏହାର ଅହେତୁକ ମୂଲ୍ୟ ବୃଦ୍ଧି ପାଇଲା କିନ୍ତୁ ସୌଖୀନ ନରୱେବାସୀ ୫୦ ଗ୍ରାମର ଲହୁଣୀ ପ୍ୟାକେଟକୁ ୫୦୦୦ ଟଙ୍କା ଦରରେ କିଣିବାକୁ ପଛାଇଲେ ନାହିଁ । ୧୯୯୯ ମସିହାରେ ଆମେରିକାର ଏକ ଡ୍ରଗ ସ୍ମଗଲରକୁ ନରୱେ ଶରଣ ଦେଇଥିଲା । ଆମେରିକା ଜେଲ ଗୁଡ଼ିକ ବାସପୋଯୋଗୀ ନୁହେଁ ଓ ଏହା ମାନବାଧିକାର ଉଲଂଘନ କରୁଛି ଦର୍ଶାଇ ନରୱେ ସୁପ୍ରିମକୋର୍ଟ ପ୍ରତୀକାତ୍ମକ ଭାବରେ ଏପରି ବିରୋଧ ପ୍ରଦର୍ଶନ କରିଥିଲା । ଆମେରିକାବାସୀଙ୍କ ଠାରୁ ନରୱେବାସୀଙ୍କ ଜୀବନଶୈଳୀ ଉଚ୍ଚମାନର । ନରୱେ ପୃଥିବୀର ସବୁଠାରୁ କମ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ଦେଶ ଅଟେ।

ନରୱେର ଲାଏରଡାଲ ଠାରୁ ଅରୋଲ୍ୟାଣ୍ଡ ପର୍ଯ୍ୟନ୍ତ ୨୪.୫୧ କିଲୋମିଟର ଦୀର୍ଘ ସୁଡଙ୍ଗ ରାସ୍ତା ପୃଥିବୀର ସବୁଠାରୁ ଲମ୍ବା । ଉଚ୍ଚ ପର୍ବତମାଳା ଦେଇ ୧.୮୨ ବିଲିଅନ କ୍ରୋନରେ ତିଆରି ହୋଇଥିବା ଏହି ୩୦ ଫୁଟ ଓସାର, ୨ ଥାକିଆ ସୁଡଙ୍ଗ ରାସ୍ତାରେ ଗାଡିଗୁଡିକ ୮୦ କିଲୋମିଟର ବେଗରେ ଯାତାୟାତ କରନ୍ତି । ଗୋଟିଏ ସିଂହ ହାତରେ କୁରାଢି ଧରିଥିବା ଚିହ୍ନଟି ନରୱେର ଜାତୀୟ ଚିହ୍ନ କିନ୍ତୁ ସେ ଦେଶରେ କୌଣସି ସିଂହ ଦେଖା ଯାଆନ୍ତି ନାହିଁ ।

୧୯୦୧ ଠାରୁ ନୋବେଲ ଶାନ୍ତି ପୁରସ୍କାର ଉତ୍ସବ ନରୱେର ଓସ୍ଲୋଠାରେ ପାଳନ କରାଯାଉଛି ।ଏହା ଆଲଫ୍ରେଡ଼ ନୋବେଲଙ୍କ ଶେଷ ଇଛା ଅନୁସାରେ କରାଯାଇଛି । ୧୯୨୪ ଠାରୁ ଆଜି ପର୍ଯ୍ୟନ୍ତ ଅଲମ୍ପିକ ଖେଳରେ ନରୱେ ୩୬୮ ଟି ମେଡାଲ ହାତେଇଛି । ଦୁଇଟି ଯାକ ବିଶ୍ୱଯୁଦ୍ଧରେ ନରୱେ ନିରପେକ୍ଷ ଥିଲା । ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନସେନା ଏହାର କେତୋଟି ସହର ଅଧିକାର କରିବାକୁ ସକ୍ଷମ ହୋଇଥିଲେ ମାତ୍ର ୩ ସପ୍ତାହ ମଧ୍ୟରେ ସେମାନେ ସ୍ୱତଃ ଅପସରି ଯାଇଥିଲେ।

ନରୱେରେ ଛୋଟବଡ ୫୦୦୦୦ ଦ୍ୱୀପ ରହିଛି । ନରୱେରେ ସମସ୍ତ ନାଗରିକଙ୍କ ଆୟ ସରକାର ସାର୍ବଜନୀନ କରିଥାନ୍ତି । ସମସ୍ତଙ୍କର ଆୟବ୍ୟୟର ବିବରଣୀ ଓଏବସାଇଟରେ ଉପଲବ୍ଧ । ଅର୍ଥନୈତିକ ଅପରାଧ ହାର ଶୂନ୍ୟ । ନରୱେର ୫୩ ପ୍ରତିଶତ କାର ବିଦ୍ୟୁତ ଚାଳିତ। ନରୱେରେ ଘରେ ଟିଭି ରଖିଲେ ବାର୍ଷିକ ୨୪୦୦୦ ଟଙ୍କା ଟିକସ ଆକାରରେ ଦେବାକୁ ପଡେ । ନାଗରିକ ମାନଙ୍କ ପଠନ ସ୍ପୃହା କୌଣସି ଭାବେ ପ୍ରଭାବିତ ନହେଉ, ସେଥିପାଇଁ ସରକାର ଏପରି ନିୟମ କରିଛନ୍ତି ।

ପର୍ଯ୍ୟାପ୍ତ ପରିମାଣର ତୈଳ ଓ ପ୍ରାକୃତିକ ଗ୍ୟାସ ଗଚ୍ଛିତ ଥିଲେ ବି ସରକାର ମିତବ୍ୟୟିତା ଅବଲମ୍ବନ କରନ୍ତି । ନାଗରିକମାନଙ୍କୁ ସାମୁହିକ ଭାବେ ସରକାରୀ ବସରେ ଯିବାକୁ ସରକାର ଉତ୍ସାହିତ କରନ୍ତି । ପେଟ୍ରୋଲ ଦାମ ମଧ୍ୟ ଏହି ଦେଶରେ ଅତ୍ୟଧିକ ।

ମେମାସ ଠାରୁ ଜୁଲାଇ ମାସ ମଧ୍ୟରେ ପ୍ରାୟ ୭୬ ଦିନ ସୂର୍ଯ୍ୟ ଆଦୌ ଅସ୍ତ ହୁଅନ୍ତି ନାହିଁ । ରାତି ୧୨.୪୩ ମିନିଟରେ ସୂର୍ଯ୍ୟ ଅସ୍ତ ଯାଇ ମାତ୍ର ୪୦ ମିନିଟ ପରେ ପୁଣି ଉଦୟ ହୁଅନ୍ତି । ଶୀତ ଋତୁରେ ଠିକ ଏହାର ବିପରୀତ ଦେଖାଯାଏ। ତେବେ ଭୌଗଳିକ ଦୃଷ୍ଟିକୋଣରୁ ନରୱେର ବିଭିନ୍ନ ସହରର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ସମୟ ନିର୍ଘଣ୍ଟ ଭିନ୍ନ ଭିନ୍ନ ହୋଇଥାଏ। ଦିନରେ ବିଭିନ୍ନ ସ୍ଥାନରେ ଇନ୍ଦ୍ରଧନୁ ଅତ୍ୟନ୍ତ ଆକର୍ଷକ ଦେଖାଯାଏ । ଉତ୍ତରମେରୁ ନିକଟସ୍ଥ ଦେଶ ହୋଇ ଥିବାରୁ ଏଠାରେ ଅସହ୍ୟ ଥଣ୍ଡା ଓ ତୁଷାରପାତ ହୋଇଥାଏ । ବିଯୁକ୍ତ ତାପମାତ୍ରାରେ ଏଠାରେ ଜନଜୀବନ ଅଭ୍ୟସ୍ତ । ତେବେ ଗ୍ରୀଷ୍ମଋତୁରେ ଏଠାରେ ପାଗ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ ।

ନରୱେର ଆଜି ପର୍ଯ୍ୟନ୍ତ ସର୍ବାଧିକ ନ୍ୟୁନତମ ତାପମାତ୍ରା ବିଯୁକ୍ତ -୫୧.୪ ଡିଗ୍ରୀ ଓ ସର୍ବାଧିକ ୩୫.୦୬ ଡିଗ୍ରୀ ରେକର୍ଡ କରାଯାଇଛି। ଡିସେମ୍ବରରୁ ଫେବୃଆରୀ ମାସ ଶୀତଋତୁ ଓ ମାର୍ଚ୍ଚରୁ ମେ ମାସ ବସନ୍ତ ଋତୁ, ଜୁନରୁ ଅଗଷ୍ଟ ମାସ ଗ୍ରୀଷ୍ମ ଋତୁ ଓ ସେପଟ୍ମେବରରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଶରତ ଋତୁ ଅନୁଭୂତ ହୁଏ। ନରୱେର କିଛି ନିର୍ଦ୍ଦିଷ୍ଟ ବର୍ଷା ଋତୁ ନଥାଏ। ତେବେ ଅପ୍ରେଲରୁ ଅଗଷ୍ଟ ମାସ ଭିତରେ ଅନିୟମିତ ଭାବେ ଅପର୍ଯ୍ୟାପ୍ତ ବର୍ଷାହୁଏ । କେବେ ଜୁଲାଇ ମାସ ରେ ସର୍ବାଧିକ ବର୍ଷା ହୁଏତ ଆଉ କେତେବେଳେ ଅକ୍ଟୋବର ମାସରେ। ତେବେ ବର୍ଷସାରା ନରୱେରେ ହାରାହାରି ୯୦ ଇଞ୍ଚ ବର୍ଷା ହୋଇଥାଏ ।

ନରୱେବାସୀ ଅତ୍ୟନ୍ତ ଭଦ୍ର, ନମ୍ର, ସଚ୍ଚୋଟ ଓ ଦୟାଳୁ ସ୍ୱଭାବର ଅଟନ୍ତି । ସେମାନେ ଆଦୌ ରାଗନ୍ତି ନାହିଁ କି ଅନ୍ୟ ଅନ୍ୟ କଥାରେ ମୁଣ୍ଡ ପୂରାନ୍ତି ନାହିଁ । ପ୍ରତ୍ୟେକଙ୍କ ବାସଗୃହକୁ ଲାଗି ଫଳ ବଗିଚା ଓ ଶସ୍ୟକ୍ଷେତମାନ ଥାଏ । ୨୦୨୦ ମସିହା ହ୍ୟୁମାନ ଡେଭେଲପମେଣ୍ଟ ଇଣ୍ଡେକ୍ସ (HDI)ସୂଚନାଙ୍କ ଅନୁସାରେ ନରୱେ ବିଶ୍ୱର ସବୁ ଠାରୁ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇଛି।

ଭୁବନେଶ୍ୱର
*ମୋବାଇଲ୍ - ୭୯୭୮୪୨୦୪୯୩*

# ଟ୍ରମ୍ପଙ୍କ 'ନୋବେଲ୍ ଜଖମ'ରେ ମାରିଆଙ୍କ ମଲମ




**ନୂଆଦିଲ୍ଲୀ, (ଭିଓଭି) :** ଏକଛତ୍ରବାଦ ଶାସନ ଭିତରେ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଥିବା ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ନେତ୍ରୀ ମାରିଆଙ୍କୁ ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ମିଳିଛି। ହେଲେ ଏହାକୁ ସେ ଟ୍ରମ୍ପଙ୍କୁ ଉତ୍ସର୍ଗ କରିଦେଇଛନ୍ତି। ନୋବେଲ କମିଟି ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାରୁ ହ୍ୱାଇଟ ହାଉସ୍ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ନୋବେଲ କମିଟି ଶାନ୍ତି ଉପରେ ରାଜନୀତିକୁ ଅଗ୍ରାଧିକାର ଦେଇ ମାରିଆଙ୍କୁ ନୋବେଲ ପୁରସ୍କାର ଦିଆଯାଇଥିଲା ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କହିଥିଲେ।

ଇତିମଧ୍ୟରେ ନୋବେଲ୍ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଖମରେ ମଲମ ଲଗାଇଛନ୍ତି ମାରିଆ କୋରିନା ମାଚାଡୋ। ହତାଶ ହେବା ପରେ ରାଗିପାଚି ଲାଲ୍ ପଡ଼ି ଯାଇଥିବା ଟ୍ରମ୍ପଙ୍କୁ ସେ ଶାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ଦୌଡ଼ିରେ ଥିବା ୩୩୮ ଜଣଙ୍କ ମଧ୍ୟରେ ଟ୍ରମ୍ପଙ୍କ ନାଁ ଥିଲା। କିନ୍ତୁ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ ନୋବେଲ ଶାନ୍ତି ପୁରସ୍କାର ଜିତିଥିବାରୁ ହତାଶ ହୋଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିଶ୍ୱର ତଥାକଥିତ ୮ଟି ଯୁଦ୍ଧ ବନ୍ଦ କରିଥିବା ଦାବି କରି ଟ୍ରମ୍ପ ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ମାଗୁଥିଲେ। ମାରିଆ ନିଜର ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ଉତ୍ସର୍ଗ କରିଛନ୍ତି। ଭେନେଜୁଏଲାରେ ମାରିଆ ଯେଉଁ କାରଣ ପାଇଁ ଲଢୁଛନ୍ତି ତା'କୁ କୁଆଡ଼େ ଟ୍ରମ୍ପ ସମର୍ଥନ କରୁଛନ୍ତି। ଖାସ ଏହି କାରଣ ପାଇଁ ମାରିଆ ନିଜର ନୋବେଲ୍ ପୁରସ୍କାରକୁ ଟ୍ରମ୍ପଙ୍କୁ ଉତ୍ସର୍ଗ କରିଛନ୍ତି।

ଭେନେଜୁଏଲାରେ ଗଣତନ୍ତ୍ର ସପକ୍ଷରେ ଲଢ଼େଇ କରୁଥିବାରୁ ମାରିଆଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ସେ ଗୋଟିଏ ବର୍ଷ ହେବ ଅଜଣା ସ୍ଥାନରେ ଆତ୍ମଗୋପନ କରିଛନ୍ତି। ସେଠାରେ ରହି ନୋବେଲ ଶାନ୍ତି ପୁରସ୍କାର ଜିତିବା ପରେ ସେ ନିଜର ବୟାନ ରଖିଛନ୍ତି। ସେ କହିଛନ୍ତି ଯେ "ସମସ୍ତ ଭେନେଜୁଏଲାବାସୀଙ୍କ ସଂଘର୍ଷକୁ ମିଳିଥିବା ଏହି ମାନ୍ୟତା ଆମ କାମକୁ ପୂରା କରିବା ପାଇଁ ଓ ସ୍ୱାଧୀନତା ହାସଲ ପାଇଁ ଗୋଟିଏ ପ୍ରୋତ୍ସାହନ। ଆମେ ଜିତିବାର ଅତି ନିକଟରେ ରହିଛୁ। ଆଜି ଆମେ ଅଧିକ ନିକଟରେ ପହଞ୍ଚିଛୁ। ଆମେ ରାଷ୍ଟ୍ରପତି ଟ୍ରମ୍ପ୍, ଯୁକ୍ତରାଷ୍ଟ୍ର ଆମେରିକାର ଜନସାଧାରଣ, ଲାଟିନ ଆମେରିକାର ଜନସାଧାରଣ ଓ ଦୁନିଆର ଲୋକତାନ୍ତ୍ରିକ ଦେଶଗୁଡ଼ିକ ଉପରେ ଆମେ ଭରସା ରଖିଛୁ। ଆମେ ନିଶ୍ଚିତ ଗଣତନ୍ତ୍ରକୁ ପ୍ରତିଷ୍ଠା କରି ସ୍ୱାଧୀନତା ହାସଲ କରିବୁ। ଏହି ପୁରସ୍କାର ଭେନେଜୁଏଲାର ସମସ୍ତ ପୀଡ଼ିତ ଓ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଆମର ନିର୍ଣ୍ଣାୟକ ଉଦ୍ଦେଶ୍ୟ ପ୍ରତି ସମର୍ଥନ ଲାଗି ସମର୍ପିତ କରୁଛୁ।"

ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ ୨୦୨୫ରେ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଟାଇମ୍ସ ମାଗାଜିନରେ ସ୍ଥାନ ପାଇଥିଲେ। ଗତବର୍ଷ ଭେନେଜୁଏଲାରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଚାଲିଥିବା ଆନ୍ଦୋଳନର ନେତୃତ୍ୱ ମାରିଆ ନେଉଥିଲେ।

ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଠାରୁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି କାରଣରୁ ସେ ପ୍ରାୟ ଗୋଟିଏ ବର୍ଷ ହେଲା ଅଜଣା ସ୍ଥାନରେ ଆତ୍ମଗୋପନ କରିଛନ୍ତି। ଜୀବନ ପ୍ରତି ବିପଦ ରହିଥିବାରୁ ସେ ଅଜଣା ସ୍ଥାନରେ ରହିଛନ୍ତି। ତଥାପି ସେ ଦେଶରୁ ଏକଛତ୍ରବାଦ ଶାସନର ମୂଳପୋଛ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

ନୋବେଲ ଶାନ୍ତି ପୁରସ୍କାର ପାଇବା ଦୌଡ଼ରେ ମୋଟ ୩୩୮ ଜଣ ଆଶାୟୀ ରହିଥିଲେ। ଏମାନଙ୍କ ମଧ୍ୟରେ ଟ୍ରମ୍ପଙ୍କ ନାଁ ମଧ୍ୟ ରହିଥିଲା। ଟ୍ରମ୍ପଙ୍କ ନାଁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଥିବାରୁ ସେ ଏନେଇ ଜୋରଦାର ପ୍ରଚାର କରିଥିଲେ। ଟ୍ରମ୍ପ ନିଜେ ନୋବେଲ ଶାନ୍ତି ପୁରସ୍କାର ହକ୍‌ଦାର ବୋଲି ମଧ୍ୟ କହିଥିଲେ। ହେଲେ ନୋବେଲ କମିଟି ତାଙ୍କୁ କୌଣସି ପ୍ରକାରର ପୁରସ୍କାର ଦେଇ ନାହିଁ। ନୋବେଲ ପୁରସ୍କାର ଟ୍ରମ୍ପଙ୍କୁ ମିଳି ନଥିବାରୁ ସେ ନିରାଶ ଓ ହତାଶ ହୋଇଛନ୍ତି। କିନ୍ତୁ ଏହା ତାଙ୍କୁ ସଂପୂର୍ଣ୍ଣ ଭାବେ ବ୍ୟଥିତ କରିବ ନାହିଁ। କାରଣ ନିକଟରେ ଟ୍ରମ୍ପ ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଥିଲେ। ମାଦୁରୋ ନିଶା ଚୋରା ଚାଲାଣ କରୁଥିବା ବେଳେ ଏକଛତ୍ରବାଦ ଶାସନ ଚଳାଇଥିବାରୁ ଟ୍ରମ୍ପ ଭେନେଜୁଏଲା ସହ ସମସ୍ତ ପ୍ରକାରର କୂଟନୀତିକ ସମ୍ପର୍କରେ ରୋକ୍ ଲଗାଇଥିଲେ। ନୋବେଲ ଶାନ୍ତି ବିଜେତା ମାରିଆ ମଧ୍ୟ ମାଦୁରୋଙ୍କ ବିରୋଧୀ। ତେଣୁ ତାଙ୍କୁ ନୋବେଲ୍ ମିଳିଥିବାରୁ ଟ୍ରମ୍ପଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିପାରେ। ନୋବେଲ୍ କମିଟି ଶାନ୍ତି ପୁରସ୍କାର ପାଇଁ ମାରିଆଙ୍କ ନାଁ ଘୋଷଣା କରିବା ବେଳେ ତାଙ୍କୁ ଶାନ୍ତି ପ୍ରତିଷ୍ଠାର ସାହାସୀ ଓ ପ୍ରକୃତ ଚାମ୍ପିୟନ ଭାବେ ଆଖ୍ୟା ଦେଇଛି। ବର୍ଦ୍ଧିତ ଅନ୍ଧକାର ମଧ୍ୟରେ ସେ ଗଣତନ୍ତ୍ରର ନିଆଁକୁ ତେଜିବାରେ ଲାଗିଥିବା ମଧ୍ୟ କମିଟି କହିଛି। ଭେନେଜୁଏଲାରେ ଚାଲିଥିବା ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନର ପ୍ରମୁଖ ଚେହେରା ରହି ଆସିଛନ୍ତି ମାରିଆ। ମାଦୁରୋ ଶାସନର ଅନେକ କଟକଣା ସତ୍ତ୍ୱେ ସେ ଲଢ଼େଇ କରିଛନ୍ତି। ଏଥିପାଇଁ ତାଙ୍କ ଜୀବନ ପ୍ରତି କେବଳ ବିପଦ ସୃଷ୍ଟି ହୋଇନାହିଁ, ବରଂ ତାଙ୍କୁ ଗିରଫ କରି ରାଜନୀତିକ ବନ୍ଦୀ ଭାବେ ନିର୍ଯାତନା ମଧ୍ୟ ଦିଆଯାଇଛି।

## ଜୈଶର ପ୍ରଥମ ମହିଳା ଆତଙ୍କୀ ମସୁଦ ଆଝାରର ଭଉଣୀ

**ନୂଆଦିଲ୍ଲୀ, (ଭିଓଭି) :** ମହିଳା ଶାଖା ଜମାତ-ଉଲ-ମୋମିନାତିରେ ନିଯୁକ୍ତି ଆରମ୍ଭ ହୋଇଯାଇଛି। ଅକ୍ଟୋବର ୮ରୁ ବାହାବଲପୁରରୁ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ସୂତ୍ର ଅନୁସାରେ, ଜୈଶ ମହିଳା ୱିଙ୍ଗର ନେତୃତ୍ୱ ସାଦିୟା ଆଝାର ନେଉଛି। ସାଦିୟା ହେଉଛି ମସୁଦ ଆଝାରର ଭଉଣୀ। ଭାରତର ଅପରେସନ ସିନ୍ଦୁରରେ ବଡ଼ ଝଟ୍‌କା ପାଇଥିବା କୁଖ୍ୟାତ ଆତଙ୍କବାନୀ ସଂଗଠନ ଜୈଶ-ଇ-ମହମ୍ମଦ ଏବେ ଅଣ୍ଟା ସଳଖିବାକୁ ଉଦ୍ୟମ ଆରମ୍ଭ କରିଛି। ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନା ପାକିସ୍ତାନର ବାହାବଲପୁରରେ ଥିବା ଜୈଶର ମୁଖ୍ୟାଳୟ ମର୍କଜ ସୁଭାନାଲ୍ଲାକୁ ଧ୍ୱଂସ କରିଥିଲା।



ଏହି ଝଟ୍‌କା ପରେ ଏବେ ଜୈଶ ନୂଆ ରଣନୀତି ଆପଣାଇବାକୁ ନିଷ୍ପତ୍ତି ନେଇଛି। ଏହି ଆତଙ୍କୀ ସଂଗଠନ ପକ୍ଷରୁ ନିଜର ପ୍ରଥମ ମହିଳା ବ୍ରିଗେଡ ଖୋଲିବାକୁ ଯାଉଥିବା ଘୋଷଣା କରିଛି। ଜୈଶର ପ୍ରଥମ ମହିଳା ଆତଙ୍କୀ ଶାଖାର ନାଁ ଜମାତ-ଉଲ- ମୋମିନାତ ରଖାଯାଇଛି। ଜୈଶର ମୁଖିଆ ମୌଲାନା ମସୁଦ ଆଝାର ନାଁରେ ଜାରି ହୋଇଥିବା ଗୋଟିଏ ଚିଠି ଦ୍ୱାରା ଏହି ଖବରକୁ ସାର୍ବଜନୀନ କରାଯାଇଛି।

ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାର ଷ୍ଟ୍ରାଇକରେ ଆଝାର ପରିବାର ଏକାଧିକ ସଦସ୍ୟ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରେ ସାଦିୟାର ସ୍ୱାମୀ ୟୁସୁଫ ଆଝାର ରହିଥିଲା। ୟୁସୁଫର ମୃତ୍ୟୁ ପରେ ଜୈଶ ଗଠନ କରିଥିବା ମହିଳା ୱିଙ୍ଗର ମୁଖିଆ ଭାବେ ତା' ପତ୍ନୀ ସାଦିୟାକୁ ନିଯୁକ୍ତି ମିଳିଛି। କୁହାଯାଉଛି ଯେ ଏହି ଆତଙ୍କବାଦୀ ସଂଗଠନରେ ଜୈଶର ସଦସ୍ୟ ହୋଇଥିବା ବ୍ୟକ୍ତିମାନଙ୍କ ପତ୍ନୀ ଓ ଆର୍ଥିକ ପଛୁଆ ବର୍ଗର ମହିଳାଙ୍କୁ ସାମିଲ କରାଯାଉଛି। ବିଶେଷ କରି ବାହାବଲପୁର, କରାଚି, ମୁଜାଫରବାଦ, କୋଟଲି, ହରିପୁର ଓ ମାନସେହରା ଠାରେ ଥିବା କେନ୍ଦ୍ରଗୁଡ଼ିକରେ ପଢୁଥିବା ଯୁବତୀ ଏବଂ ମହିଳାମାନଙ୍କୁ ଜମାତ-ଉଲ-ମୋମିନାତ ପାଇଁ ଟାର୍ଗେଟ କରାଯାଉଛି। ଜୈଶର ମହିଳା ୱିଙ୍ଗ ମାନସିକ ଯୁଦ୍ଧରେ ସାମିଲ ହେବ। ସଂଗଠନ ସମ୍ପର୍କରେ ପ୍ରଚାର କରିବ ଓ ତୃଣମୂଳ ସ୍ତରରେ ନିଯୁକ୍ତି କଥା ବୁଝିବ। ସୋସିଆଲ ମିଡିଆ, ହ୍ୱାଟ୍‌ସ ଆପ୍ ଗ୍ରୁପ୍ ଓ କିଛି ମଦ୍ରାସାରେ ଜମାତ-ଉଲ-ମୋମିନାତର କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରାଯାଉଛି। ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ ଓ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ଅନ୍‌ଲାଇନ ଦ୍ୱାରା ଜମାତ-ଉଲ-ମୋମିନାତିର ନେଟୱର୍କକୁ ବିସ୍ତାର କରିବାକୁ ପ୍ରୟାସ ଚାଲିଛି। ଜୈଶ ପୂର୍ବରୁ ମହିଳାମାନଙ୍କୁ ସଶସ୍ତ୍ର ଜିହାଦ ଓ ଲଢ଼େଇ ମିଶନରୁ ଦୂରେଇ ରଖୁଥିଲା। କିନ୍ତୁ ଭାରତର ଶାଣିତ ଜବାବ ପରେ ଜୈଶ ନିଜର ଆଭିମୁଖ୍ୟ ବଦଳାଇଛି। ମସୁଦ ଆଝାର ଓ ତା' ଭାଇ ତଲହା ଅଲ ସୈଫ ମିଳିତ ଭାବେ ମହିଳା ଶାଖା ଖୋଲିବାକୁ ଅନୁମତି ଦେଇଛନ୍ତି। ଏବେ ଏହାର ମହିଳା ୱିଙ୍ଗ ମଧ୍ୟ ଧୀରେ ଧୀରେ ସକ୍ରିୟ ହୋଇଛି। ଆଇଏସ୍‌ଆଇଏସ୍, ବୋକୋ ହାରାମ, ହମାସ୍ ଓ ଏଲ୍‌ଟିଟି ଭଳି ଆତଙ୍କବାଦୀ ସଂଗଠନ ଗୁଡ଼ିକ ପୂର୍ବରୁ ମହିଳାମାନଙ୍କୁ ଆତ୍ମଘାତୀ ହମ୍‌ଲା ପାଇଁ ବ୍ୟବହାର କରୁଥିଲେ। କିନ୍ତୁ ଲସ୍କର, ଜୈଶ ଓ ହିଜବୁଲ ଭଳି ସଂଗଠନ ମହିଳାମାନଙ୍କୁ ଆଦୌ ବ୍ୟବହାର କରୁ ନଥିଲା। ଏବେ ଜୈଶ ପ୍ରଥମଥର ପାଇଁ ନିଜର ମହିଳା ଶାଖା ଖୋଲିଛି।

## ପାକିସ୍ତାନରେ ଗୁଳିକାଣ୍ଡ : ୧୧ ନିହତ

**ନୂଆଦିଲ୍ଲୀ, (ଭିଓଭି) :** ଜିହାଦ ମାନସିକତା ରଖିଥିବା ପାକିସ୍ତାନ ପୁଲିସ୍ ଓ ସେନା ନିଜ ଦେଶର ସାଧାରଣ ଲୋକଙ୍କୁ ମଧ୍ୟ ଛାଡ଼ୁ ନାହାନ୍ତି। ବିକ୍ଷୋଭ ଶୋଭାଯାତ୍ରା କରି ରାଜଧାନୀ ଇସଲାମାବାଦ ଅଭିମୁଖେ ଯାଉଥିବା ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଛି ପାକିସ୍ତାନ ପୁଲିସ। ବିକ୍ଷୋଭକାରୀମାନେ ପଞ୍ଜାବ ପ୍ରଦେଶ ପୁଲିସ୍‌କୁ ଇସ୍ରାଏଲର ଗୁଣ୍ଡା ବୋଲି କହିଛନ୍ତି। ବିକ୍ଷୋଭକାରୀଙ୍କ ଉପରକୁ ପୁଲିସ୍ ଆଖିବୁଜା ଗୁଳି ଚଳାଇବାରୁ ୧୧ ଜଣ ନିହତ ହୋଇଛନ୍ତି । ସେହିପରି ସଂଗଠନର ୫୦ରୁ ଅଧିକ ଆହତ ହୋଇଥିବା ଟିଏଲ୍‌ପି କହିଛି। ପୁଲିସ୍ ଓ ଇସଲାମିକ ସଂଗଠନ ତେହରୀକ-ଇ-ଲାବାଇକ (ଟିଏଲ୍‌ପି) ମଧ୍ୟରେ ଏବେ ବି ଲାହୋରରେ ହିଂସାତ୍ମକ



ସଂଘର୍ଷ ଦେଖିବିବାକୁ ମିଳିଛି। ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରି ରାଜଧାନୀ ଅଭିମୁଖେ ଯାଉଛନ୍ତି। ସେମାନେ ସେଠାରେ ପାଲେଷ୍ଟାଇନ୍ ସପକ୍ଷରେ ସମାବେଶ କରିବାକୁ ଯୋଜନା କରିଛନ୍ତି। ହେଲେ ସେମାନଙ୍କୁ ଅଧାରେ ଅଟକାଇବାକୁ ଫୁଲ୍‌ଦମ୍‌ରେ ଲାଗି ପଡ଼ିଛି ପାକିସ୍ତାନ ପୁଲିସ୍ ଓ ସେନା। ଗାଜାରେ ଇସ୍ରାଏଲ୍ ଚଳାଇଥିବା ନରସଂହାର ବିରୋଧରେ ଗୁରୁବାର ଠାରୁ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇଛି। ଶନିବାର ଏହା ଭୟଙ୍କର ରୂପ ନେବା ସହ ବିକ୍ଷୋଭକାରୀଙ୍କ ଉପରେ ପୁଲିସ୍ ଏକାଧିକ ସ୍ଥାନରେ ଲୁହବୁହା ଗ୍ୟାସ, ପାଣି, ଲାଠି ଓ ଶେଷରେ ଗୁଳିମାଡ଼ କରିଛି। ଏହାର ଜବାବରେ ବିକ୍ଷୋଭକାରୀମାନେ ପୁଲିସ୍ ଉପରକୁ ପଥର ମାଡ଼ ବି କରିଛନ୍ତି। ଏଥିରେ ଏକାଧିକ ପୁଲିସ୍ କର୍ମଚାରୀ ଆହତ ହୋଇଥିବା ପାକ୍ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଲାହୋରର ଆଜାଦୀ ଚୌକ ଠାରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି।

# ସଂପାଦକୀୟ

## କୃଷ୍ଣ ଦଦେଇ ଓ ପରଟା-ମହୁ

୨୦୦୬ ମସିହାରେ ସାନଭାଇ ଗୁଡୁର ପରାମର୍ଶରେ ମୁଁ ସକାଳ ଜଳଖିଆ ଭାବେ ବ୍ୟାଗ୍ରି କମ୍ପାନୀର ଧଳା ଓଟ୍ସ ଖାଇବା ଆରମ୍ଭ କଲି। ସେତେବେଳେ ତାହା କେବଳ ବଡ ବଡ ମଲ୍ କିମ୍ବା ଫୁଡ୍ ବଜାରରେ ମିଳୁଥିଲା। ଏବେ ତ ଗଳି କନ୍ଦିରେ ଥିବା ସବୁ ଦୋକାନରେ ଭିନ୍ନ ଭିନ୍ନ କମ୍ପାନୀର ଓଟ୍ସ ମିଳୁଛି। ଏମିତିକି ଓଟ୍ସ ଭିନ୍ନ ଭିନ୍ନ ପ୍ରକାରର ମଧ୍ୟ ଆସିଲାଣି ଯେମିତିକି ମସଲା ଓଟ୍ସ, ମୁସେଲି ଇତ୍ୟାଦି। ଗୋଟେ କପ୍ କ୍ଷୀର ରେ ଦୁଇ ତିନି ଚାମଚ ଓଟ୍ସ ମିଶାଇ ସ୍ୱାଦ ଅନୁସାରେ ଚିନି ଟିକିଏ ପକାଇ ଦେଇ ଅଳ୍ପ ସମୟ ଗ୍ୟାସ୍ ଚୁଲିରେ ବସାଇ ଦେଲେ ସହଜ ଉପାୟରେ ଜଳଖିଆ ପ୍ରସ୍ତୁତ ହୋଇଯାଏ। ୨୦୦୯ରୁ ରକ୍ତରେ ଶର୍କରା ପରିମାଣ ବଢିବା କାରଣରୁ ଆଉ ଚିନି ନ ମିଶାଇ ଫଳ ସେଓ, ପିସ୍ତା-ବାଦାମ, କିସ୍-ମିସ୍ କିମ୍ବା ଅଙ୍ଗୁର କିଛି ଓଟ୍ସରେ ମିଶାଇ ଖାଇବା ଚାଲିଲା।

ସେସବୁ ଖାଇବା ଦିନଠାରୁ ଆଗରୁ ଖାଉଥିବା, ସକାଳ ଜଳଖିଆ ଚୁଡା, ମୁଢି, ଛତୁଆ ଇତ୍ୟାଦି ପ୍ରାୟ ଖାଇବା ବନ୍ଦ ହୋଇଗଲା। ଏବେ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍ସ ମିଶା ଜିରୋ ଆଡେଡ୍ ସୁଗାର (ମିଠା ନ ମିଶୁଥିବା) ମୁସେଲି କିଣି ମଝିରେ ମଝିରେ ଖାଇବା ହେଉଛି। ଜଳଖିଆକୁ ନେଇ ଏତେ ସବୁ କଥା ଲେଖିବାର କାରଣ ହେଲା ୯୦ ଦଶକରେ ମୋର ଦଦେଇ ସ୍ୱର୍ଗତଃ ଜୟକୃଷ୍ଣ ମିଶ୍ର ପ୍ରାଣୀ ଚିକିତ୍ସା ବିଭାଗର ଡେପୁଟି ଡାଇରେକ୍ଟର ଭାବେ ଅବସର ଗ୍ରହଣ କରି ଭୁବନେଶ୍ୱରରେ ରହୁଥାନ୍ତି। ବେଳେବେଳେ ଗାଁକୁ ଆସି ପୁରୁଣା ଘରେ କିଛି ଦିନ ରହିବା ସହିତ ଜମି ବାଡ଼ି ଚାଷ ବାସ କଥା ବୁଝାବୁଝି କରନ୍ତି। ଭଞ୍ଜନଗରରେ ଏସ.ଡି.ଭି.ଓ ଥିବା ସମୟରେ ମୁଁ ଥରେ ତାଙ୍କର ସରକାରୀ ବାସ ଭବନକୁ ଯାଇଥିଲି। ସେତେବେଳେ ସେ ନିଜ ହାତରେ ରୋଷେଇ କରି ଖାଇବା ସହିତ ବାଡ଼ିରେ ହେଉଥିବା ଆମ୍ବ ଓ ଲେମ୍ବୁରୁ ଆଚାର ପ୍ରସ୍ତୁତ କରି ତାକୁ ବନ୍ଧୁବାନ୍ଧବଙ୍କୁ ବାଣ୍ଟିବାରେ ତାଙ୍କର ଆନନ୍ଦ ଥିଲା। ତାଙ୍କର ନିଆରା ଜୀବନଶୈଳୀ ଓ ସଠିକ ପରାମର୍ଶ ସମସ୍ତଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥାଏ। ଗାଁରେ ଥିବା ସମୟରେ ନିଜେ ରୋଷେଇ କରନ୍ତି। ଥରେ ସେ ଗାଆଁକୁ ଆସି ରହିଥିବା ସମୟରେ ପୋଖରୀରୁ ସ୍ନାନ କରି ଫେରୁଥିବା ବେଳେ ସମୟ ଅତିକ୍ରାନ୍ତ ହୋଇଥିବାରୁ, ଏବେତ ବହୁତ୍ ଡେରି ହୋଇଗଲାଣି ଆଜି ରୋଷେଇ କେତେବେଳେ କରିବେ ବୋଲି ମୁଁ ପଚାରିଦେଲି। ସେ ହସି ହସି ଉତ୍ତର ଦେଇଥିଲେ ଆରେ ଆଜି ଆଉ କଣ ରୋଷେଇ କରିବି, ଗତକାଲି ରାତିରେ କରିଥିବା ପରଟା କିଛି ଅଛି, ତାକୁ ଭଞ୍ଜନଗରରୁ ଆଣି ରଖିଥିବା ଶୁଦ୍ଧ ଦେଶୀ ମହୁ ସହିତ ଖାଇଦେବି। ତାଙ୍କୁ ଭୟ କରୁଥିବା ଯୋଗୁ ଆଉ କିଛି ପ୍ରଶ୍ନ ନପଚାରି ସେ ସେଠାରୁ ଗଲା ପରେ ମୁଁ ମନେ ମନେ ଭାବିଲି ପରଟା ସାଥିରେ ମହୁ ! ଏହା ତ ଏକ ଅଜବ ଖାଦ୍ୟ। ଆମେ ସାଧାରଣତଃ ପରଟା ସାଥିରେ ଡାଲମା, ଭଜା, ଆଳୁ ତରକାରୀ କିମ୍ବା ସୁଜି କ୍ଷିରି ଖାଇଥାଉ କିନ୍ତୁ ମହୁ ସାଥିରେ ପରଟା ମୁଁ ପ୍ରଥମ ଥର ପାଇଁ ଶୁଣିଥିଲି। ମନର କଥା ମନ ଭିତରେ ବେଶୀଦିନ ରଖି ନପାରି ଦିନେ ସାହାସ ବାନ୍ଧି ତାଙ୍କୁ ଥରେ ପରଟା ଆଉ ମହୁ କଥା ପଚାରିଲି। ଭେଟେନାରୀ ଡାକ୍ତର ହୋଇଥିବାରୁ ଦେଶୀ ଘିଅ ଓ ଦେଶୀ ମହୁର ଖାଦ୍ୟ ଗୁଣ ଏବଂ ମିଳୁଥିବା କ୍ୟାଲୋରୀ ବିଷୟରେ ମତେ ଏକ ଲମ୍ବା କାହାଣୀ ଶୁଣାଇଲେ। ଠିକ୍ ତା ପର ଦିନ ସକାଳୁ ଦଦେଇ ଆମ ଘରକୁ ଆସି ପହଞ୍ଚି ତାଙ୍କ ଘରକୁ ଯିବା ପାଇଁ ମତେ ଡାକିଥିଲେ। ଘରେ ବସାଇ ଦେଶୀ ଘିଅରେ ପ୍ରସ୍ତୁତ ଗରମ ଗରମ ପରଟା ସହ ମହୁ ଖାଇବାକୁ ଦେଇଥିଲେ। ଚମତ୍କାର ସ୍ୱାଦ ଥିଲା ପରଟା ସହିତ ମହୁର। ପରଟା ଆଉ ମହୁ ଖାଇବା କଥା ଉପସ୍ଥାପନ କରିବାର ମୁଖ୍ୟ ଉଦେଶ୍ୟ ହେଲା ସେତେବେଳର ଲୋକଙ୍କ ଖାଦ୍ୟ ଓ ଜୀବନଶୈଳୀ ବିଷୟରେ ଆପଣମାନଙ୍କୁ ଜଣାଇବା। କୃଷ୍ଣ ଦଦେଇଙ୍କ ନିଷ୍ଠାପର ଓ ଶୃଙ୍ଖଳା ଜୀବନାଦର୍ଶ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ସୁସ୍ଥ ସବଳ ରଖିଥିଲା। ଅବସର ପରେ ମଧ୍ୟ ନିଜର ସ୍କୁଟର ଚଳେଇ ଗାଁରୁ ଭୁବନେଶ୍ୱର ଓ କେବେକେବେ ଦୂର ସ୍ଥାନକୁ ମଧ୍ୟ ଯାତ୍ରା କରୁଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ନିଜ କାମ ନିଜେ କରିବା ସହିତ, ବୃକ୍ଷ ରୋପଣ, ଜମିବାଡ଼ି ଚାଷ, ଗ୍ରାମର ସମୂହ ପର୍ବ ପର୍ବାଣୀ ଓ କାହାର ବ୍ୟକ୍ତିଗତ ଉତ୍ସବରେ ନିଜକୁ ସାମିଲ୍ କରିବା ସହିତ ସହଯୋଗ କରି ସର୍ବଦା କର୍ମ ତତ୍ପର ଓ ଚଳଚଞ୍ଚଳ ରହିବାର ସେ ହେଉଛନ୍ତି ଜଣେ ବଳିଷ୍ଠ ଉଦାହରଣ। ଆଜିକାଲିର ଅନେକ ଯୁବପିଢ଼ି ତ ଚୁଡା, ମୁଢି, ଛତୁଆ ଏକ ଖାଦ୍ୟ ବୋଲି ଜାଣିନାହାନ୍ତି। ସେମାନଙ୍କର ସକାଳ ଜଳଖିଆ ସ୍ୟାଣ୍ଡଉଇଚ୍ ଓ ଚାଉମିନ୍ ରୁ ଆରମ୍ଭ ହୋଇ ପିଜା, ବର୍ଗର ଏବଂ ରାତିରେ ବଟର୍ ନାନ୍, ସ୍ମୋକ ଚିକେନ୍ କିମ୍ବା ମଟନ୍ ବିରିୟାନୀରେ ସରୁଛି। ସେମାନେ ପରଟା ସହିତ ମହୁ ଖାଇବା କଥା କିପରି ବା ଜାଣିବେ। ଆଜିକାର ଯୁବ ପିଢିଙ୍କୁ ଅନୁରୋଧ ଯାହା ବି ଖାଉଛନ୍ତି ଖାଆନ୍ତୁ କେତେବେଳେ କେମିତି ଘର ପ୍ରସ୍ତୁତ ଚୁଡା ସାଙ୍ଗକୁ କଦଳୀ, ନଡ଼ିଆ କିମ୍ବା ଛତୁଆ ନହେଲେ ମୁଢି ଖାଆନ୍ତୁ, ଆଉ ପରଟା ସାଥିରେ ମହୁ ନିଶ୍ଚୟ ଥରେ ଖାଆନ୍ତୁ।

# ଚୌକି ଚାଲିଗଲା ପରେ



ସଂଜୟ କୁମାର ସାହୁ

ଗୋଟିଏ ନିହାତି ଅପ୍ରିୟ ଆଉ ସତ୍ୟ ଓ ସହଜରେ ହଜମ ନହେବା ଭଳି କଥାଟିଏ ଏହି ଲେଖା ମାଧ୍ୟମରେ ମୁଁ ପ୍ରକାଶ କରିବାକୁ ଚାହୁଁଛି । ଆମ ଦେଶରେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ସ୍ଥାନରେ ଥିବା ଅଧିକାଂଶ ବଡ଼ବଡିଆ ଲୋକମାନଙ୍କର କ୍ଷମତାରେ ଥିବା ସମୟର ଓ କ୍ଷମତାରୁ ଯିବା ପରର କାର୍ଯ୍ୟଶୈଳୀ ମଧ୍ୟରେ ବହୁତ ତଫାତ ଦେଖିବାକୁ ମିଳିଥାଏ। ସେ ଜଣେ ବଡ ରାଜନେତା ହୁଅନ୍ତୁ ବା ବଡ ଅଫିସର ଅବା ବିଚାରପତି ହୁଅନ୍ତୁ, ସମସ୍ତଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି।

ସମସ୍ତେ ଜାଣିଛନ୍ତି ସେ ଯେଉଁ ଚୌକି ଉପରେ ବସିଛନ୍ତି ତାହା ଚିରସ୍ଥାୟୀ ନୁହେଁ। ତଥାପି ସେମାନଙ୍କର ଗର୍ବ ଓ ଅହଂକାର କେମିତି ତାହା ସମସ୍ତେ ଅନୁମାନ କରିଥିବେ। ଚୌକି ଥିବା ବେଳେ ତାଙ୍କ ଅଧଃସ୍ତନ କର୍ମଚାରୀ ବା ସାଧାରଣ ଲୋକଟିଏ ହେଉ ନମସ୍କାର କଲେ ପ୍ରତି ନମସ୍କାର ମିଳିନଥାଏ। କିନ୍ତୁ ଚୌକି ଗଲାପରେ ସେ ବାବୁ ମହୋଦୟ ଆଗକୁ ଚାଲିଆସନ୍ତି କରମର୍ଦ୍ଦନ କରିବା ପାଇଁ। ଏହା ହିଁ ସମୟ ଓ ଚୌକି ଯିବାର ଖେଳ। ଚୌକି ଥିବା ବେଳେ ବାବୁ ଜଣକ ତାଙ୍କ ମର୍ଜୀରେ ବହୁତ ଅନ୍ୟାୟ କରୁଥିବେ ଆଉ ଭାଷଣରେ ବହୁତ ନୀତି ଆଦର୍ଶ କଥା କହୁଥିବେ। କିନ୍ତୁ ଚୌକି ଗଲାପରେ ପ୍ରଥମେ ବାବୁ ଜଣକ ଅନ୍ୟର ଦୋଷ ଦେବେ। ତାଙ୍କ ଚୌକିରେ ଯେଉଁ ବ୍ୟକ୍ତି ତାଙ୍କ ପରେ ବସିଥିବେ ତାଙ୍କୁ ଆଗ ଦୋଷ ଦେବେ ଓ କହିବେ ଏମାନେ କିଛି କାମ କରୁନାହାନ୍ତି। ବଡ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଚୌକି ଥିବା ବେଳେ କିଛି ବାବୁମାନେ ମନଇଚ୍ଛା ଦୁର୍ନୀତି କରୁଥିବେ, ଆଖି ବୁଜି ଭୁଲ୍ କରିବେ ଓ ତାଙ୍କ ଅଧୀନସ୍ଥ କର୍ମଚାରୀଙ୍କ ପାଇଁ ବହୁତ ଅନ୍ୟାୟ କରିବେ ଆଉ ସେତେବେଳେ ଭାବିବେ ନାହିଁ ଯେ ଦିନେ ତାଙ୍କର ଚୌକି ନଥିବ ଆଉ ତାଙ୍କ ଅଧଃସ୍ତନ କର୍ମଚାରୀ ବା ସାଧାରଣ ଲୋକଟିଏ ହେଉ ତାକୁ ଦେଖି ନଦେଖିଲା ଭଳି ମୁହଁ ବୁଲାଇ ଚାଲିଯିବେ।

ଏ ଭଲା କି ମଣିଷପଣିଆ, ସେଇ ଲୋକମାନେ କେବେ ଭାବନ୍ତି ନାହିଁ ଯେ, ତାଙ୍କର ଏପରି କର୍ମର ଫଳ ତାଙ୍କ ପିଲାମାନେ ଭୋଗି ପାରନ୍ତି ! ଦେଖାଯାଇଛି ଯେତେ ପଇସା ଥିଲେ ବି ସେ ତାଙ୍କର ଶେଷ ଜୀବନରେ କେବେହେଲେ ଶାନ୍ତିରେ ରହି ପାରନ୍ତି ନାହିଁ। ଯଦି ଆପଣଙ୍କ ଆଖି ଆଗରେ ଏପରି କେହି ବ୍ୟକ୍ତିବିଶେଷ ଥିବେ ତାଙ୍କ ଚୌକି ଯିବା ପରବର୍ତ୍ତୀ ଅବସ୍ଥାରେ ସେ ବାବୁ ଜଣକ ଓ ତାଙ୍କର ପରିବାର କେମିତି ଅଛନ୍ତି ଅନୁଧ୍ୟାନ କରନ୍ତୁ। ଖାଲି ଟଙ୍କାର ପାହାଡ଼ ଉପରେ ଥିଲେ ଯେ ଖୁସିରେ ଥିବେ ତାହା ଠିକ ନୁହେଁ । କାରଣ ଭଗବାନଙ୍କ ଆଖିରୁ କେହି ବି ଖସି ଯାଇପାରିବେ ନାହିଁ। ଭଗବାନଙ୍କ କ୍ୟାମେରା ଲେନ୍ସ ବହୁତ ବଡ଼ ଓ ସେ ସବୁ କଥାକୁ ରେକର୍ଡ କରିଥାନ୍ତି। ଆମ ଆଖି ଆଗରେ ଏପରି ବହୁତ ବଡ଼ ବଡ଼ ବାବୁମାନେ ବହୁତ ଦୁଃଖ ଓ ଯନ୍ତ୍ରଣାରେ ଅଛନ୍ତି, ତାଙ୍କର ଚିତ୍ର ତାଙ୍କ ଅଧଃସ୍ତନ କର୍ମଚାରୀଙ୍କ ମାନସପଟରୁ ଦୂରେଇ ଯାଇଛି। ଶେଷରେ ଏତିକି ଜଣାଇବାକୁ ଚାହୁଁଛି କି, ମୋର ଏହିପରି ବାବୁମାନଙ୍କୁ ଗୋଟେ ଅନୁରୋଧ କି ବେଳ ଥାଉ ଥାଉ ଟିକେ ଭବିଷ୍ୟତ କଥା ଚିନ୍ତା କରନ୍ତୁ ନହେଲେ ନେଡ଼ି ଗୁଡ କହୁଣୀକୁ ବୋହିଗଲେ ଆଉ କିଛି କରିପାରିବେ ନାହିଁ। ତେଣୁ ସମୟ ବଡ଼ ବଳବାନ୍। କେହି ଆମେ କାହାକୁ ସାହାଯ୍ୟ କରି ନପାରିଲେ ମଧ୍ୟ କାହାର କ୍ଷତି କରିବାନି, ଏହାହିଁ ଈଶ୍ୱରଙ୍କ ବାଣୀ।

(ମତାମତ ଲେଖକଙ୍କ ନିଜସ୍ୱ)

*ପୂର୍ବତନ ଜିଲ୍ଲା ଓ ସେସନ୍ସ ଜଜ୍*
*ଭୁବନେଶ୍ୱର*
*ଦୂରଭାଷ : ୮୨୭୦୨୦୩୦୬୩*

# ପୁରୀରେ ଲେଖା ଯାଇଥିଲା ଶ୍ରୀରାମଚରିତ ମାନସ !

ସୁବ୍ରତ ପ୍ରିୟବ୍ରତ ମହାନ୍ତି

ଶ୍ରୀରାମଚରିତମାନସ ଭାରତର ଏକ ପ୍ରସିଦ୍ଧ ଭକ୍ତିଗ୍ରନ୍ଥ। ଏଯାବତ ବିଶ୍ୱାସ କରାଯାଇଛି ଯେ ଏହି ପ୍ରସିଦ୍ଧ ଭକ୍ତି ଗ୍ରନ୍ଥଟିକୁ ସନ୍ଥ ତୁଳସୀ ଦାସ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ଠାରେ ରଚନା କରିଥିଲେ; କିନ୍ତୁ ତୁଳସୀ ତାଙ୍କର ସର୍ବଶ୍ରେଷ୍ଠ କୃତି ରାମଚରିତମାନସକୁ ଯେ ଓଡ଼ିଶାର ପୁରୀଠାରେ ରଚନା କରିଥିଲେ ଏ ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ସେ ନିଜେ ରାମଚରିତମାନସରେ ହିଁ ଲିପିବଦ୍ଧ କରିଯାଇଛନ୍ତି।

ଶ୍ରୀରାମଚରିତମାନସ ଭାରତର ଏକ ପ୍ରସିଦ୍ଧ ଭକ୍ତିଗ୍ରନ୍ଥ। ଏଯାବତ ବିଶ୍ୱାସ କରାଯାଇଛି ଯେ ଏହି ପ୍ରସିଦ୍ଧ ଭକ୍ତି ଗ୍ରନ୍ଥଟିକୁ ସନ୍ଥ ତୁଳସୀ ଦାସ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ଠାରେ ରଚନା କରିଥିଲେ; କିନ୍ତୁ ତୁଳସୀ ତାଙ୍କର ସର୍ବଶ୍ରେଷ୍ଠ କୃତି ରାମଚରିତମାନସକୁ ଯେ ଓଡ଼ିଶାର ପୁରୀଠାରେ ରଚନା କରିଥିଲେ ଏ ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ସେ ନିଜେ ରାମଚରିତମାନସରେ ହିଁ ଲିପିବଦ୍ଧ କରିଯାଇଛନ୍ତି।
ମାନସର ବାଳକାଣ୍ଡରେ ତୁଳସୀ ଲେଖିଛନ୍ତି, 'ସବ ବିଧି ପୁରୀ ମନୋହର ଜାନି, ସକଲ ସିଦ୍ଧି ପ୍ରଦ ମଙ୍ଗଲ ଖାନି, ବିମଲ କଥା କର କୀହ୍ନ ଆରମ୍ଭା'। ଏହି ପଂକ୍ତିରେ ତୁଳସୀ ଦାସ ଅତି ସ୍ପଷ୍ଟ ଭାବରେ ଲେଖିଛନ୍ତି, ସବୁଠାରୁ ମନୋହର ସ୍ଥାନ, ମଙ୍ଗଳ ପ୍ରଦ ସ୍ଥାନ 'ପୁରୀ' ଠାରେ ସେ ଏହି ବିମଳ କଥାକୁ ଆରମ୍ଭ କଲେ। ଅନେକ ବିଶ୍ୱାସ କରନ୍ତି, ତୁଳସୀ ଦାସଙ୍କ ସୂଚୀତ ଏହି ପୁରୀ ହେଉଛି ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାପୁରୀ; କିନ୍ତୁ ପ୍ରକୃତରେ ତୁଳସୀଙ୍କ ସୂଚୀତ ଏହି 'ପୁରୀ' ହେଉଛି ଶ୍ରୀଜଗନ୍ନାଥଙ୍କ ଧାମ 'ପୁରୀ'। ଏ ସମ୍ବନ୍ଧରେ ଯଥେଷ୍ଟ ତଥ୍ୟ ତୁଳସୀ ମାନସରେ ହିଁ ଲିପିବଦ୍ଧ କରିଯାଇଛନ୍ତି।

ରାମଚରିତମାନସର ରଚନା ସମୟ ବିଷୟରେ ଆଲୋଚକମାନେ ମତ ଦିଅନ୍ତି, ଏହା ୧୫୭୪ରୁ ୧୫୭୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିଲା। ଏହି ସମୟ ମଧ୍ୟରେ ପୁରୀଠାରେ ଯେଉଁ ପ୍ରମୁଖ ଘଟଣା ଘଟିଥିଲା ତାହା ଥିଲା ଦାରୁବିଗ୍ରହଙ୍କ ନବକଳେବର। ଏହି ନବକଳେବର ହୋଇଥିଲା ୧୫୭୫ ଖ୍ରୀଷ୍ଟାବ୍ଦରେ। ତେଣୁ ନବକଳେବର ସମ୍ବନ୍ଧିତ ପ୍ରସ୍ତୁତିର ସମୟ ଥିଲା ୧୫୭୪ ଖ୍ରୀଷ୍ଟାବ୍ଦର ଶେଷ ସମୟ। ମାନସର ବାଳକାଣ୍ଡରେ ତୁଳସୀ ଲେଖିଛନ୍ତି, 'ଦାରୁ ବିଚାର କି କରଇ କୋଉ ବନ୍ଦିଅ ମଲୟ ପ୍ରସଙ୍ଗ'। ଏହି ଧାଡ଼ିକୁ ବ୍ୟାଖ୍ୟା କରି ବ୍ୟାଖ୍ୟାକାର ଯାହା କୁହନ୍ତି ତାହା ମାନସର ପ୍ରଥମ ଅର୍ଥ; କିନ୍ତୁ ଦ୍ୱିଅର୍ଥରେ ତୁଳସୀଙ୍କ ଏହି ସୂଚନା ହେଉଛି ନବକଳେବର ନିମନ୍ତେ ଦାରୁବିଗ୍ରହଙ୍କ ଦାରୁ ସମ୍ବନ୍ଧରେ ବିଚାର ବିମର୍ଷର ସୂଚନା। ଏହା ପରେ ଦାରୁଙ୍କ ମଧ୍ୟରେ ବ୍ରହ୍ମ ପ୍ରତିଷ୍ଠା ସମ୍ବନ୍ଧରେ ସୂଚନା ଦେଇ ଦ୍ୱିଭାଷୀରେ ତୁଳସୀ ସୂଚାଇଛନ୍ତି, 'ଏକ ଦାରୁ ଗତ ଦେଖିଅ ଏକୁ, ପାଓକ ସମ ଯୁଗ ବ୍ରହ୍ମ ବିବେକୁ'। ଏଠାରେ ତୁଳସୀ ଦୁଇଟି ବ୍ରହ୍ମଙ୍କ ବିଷୟରେ ସୂଚନା ଦେଇଛନ୍ତି। ପ୍ରଥମ ହେଉଛନ୍ତି ପରଂବ୍ରହ୍ମ ଯାହାଙ୍କୁ ଦାରୁଙ୍କ ମଧ୍ୟରେ ସ୍ଥାପନ କରାଗଲା। ଦ୍ୱିତୀୟ ବ୍ରହ୍ମ ହେଉଛନ୍ତି ଗୁରୁବ୍ରହ୍ମ ଯାହାଙ୍କୁ ସେ ନିଜ ସମ୍ମୁଖରେ ଦେଖୁଥିଲେ। ୧୫୭୫ର ଏହି ନବକଳେବର କରାଇବାରେ ତୋଡରମଲଙ୍କର ପ୍ରଚ୍ଛନ୍ନ ଭୂମିକା ଥିଲା। ତୋଡରମଲ ସେ ସମୟରେ ଓଡ଼ିଶାରେ ହିଁ ଅବସ୍ଥାନ କରୁଥିଲେ। ରାମଚରିତମାନସ ସମ୍ବନ୍ଧିତ କିଛି କାହାଣୀରେ କୁହାଯାଏ, ତୁଳସୀ ଦାସ ପୋଥିଟିକୁ ମିତ୍ର ତୋଡରମଲଙ୍କ ପାଖରେ ରଖିଦେଲେ। ଅର୍ଥାତ ଏହା କାଶୀଠାରେ ନୁହେଁ ପୁରୀଠାରେ ଘଟିଥିଲା। ଏଇଠି ଗୋଟିଏ ବଡ଼ ପ୍ରଶ୍ନ ହେଉଛି ତୁଳସୀ ପୋଥିଟିକୁ କାହିଁକି ତୋଡରମଲଙ୍କୁ ଦେଲେ ? ତୋଡରମଲଙ୍କ ପରିଚୟ କଣ ? ଏହା ଏକ ଭିନ୍ନ ପ୍ରସଙ୍ଗ ଯାହା ସ୍ୱତନ୍ତ୍ର ଆଲୋଚନା ଆବଶ୍ୟକ କରେ। ତେବେ କେବଳ ଏତିକି ସୂଚନା ଦିଆଯାଇ ପାରେ, ଗଜପତି ପ୍ରତାପରୁଦ୍ରଙ୍କ ଉପାଧି ଥିଲା 'ତୋଡରମଲ'। 'ତୋଡର' ଏକ ଓଡ଼ିଆ ଶବ୍ଦ। ଯେତେବେଳେ ରାମଚନ୍ଦ୍ରଦେବ ଓଡ଼ିଶାର ରାଜା ହେଲେ ସେତେବେଳେ ଧରି ମଲ ଓଡ଼ିଶାର ଉତ୍ତରଭାଗର ରାଜା ହେଲେ ଏବଂ ତୋଡରମଲଙ୍କ ଜଣେ ପୁତ୍ରଙ୍କ ନାମଥିଲା ଧରି। ଏଠାରେ ତୋଡରମଲଙ୍କ ବିଷୟରେ ସାମାନ୍ୟ ସୂଚନା ଦେବାର କାରଣ ମାନସ ପୁରୀ ଠାରେ ଲେଖାଯାଇଥିବାର ଇତିହାସ ସମ୍ମତ ତଥ୍ୟକୁ ଉପସ୍ଥାପନ କରିବା। ରାମଚରିତମାନସର ବାଳକାଣ୍ଡର ଗୋଟିଏ ଦୋହାରେ ଦାରୁ ପ୍ରସଙ୍ଗ ଥିବା ବେଳେ ଅନ୍ୟ ଏକ ଦୋହାରେ ତୁଳସୀ ଦାସ ଲେଖିଛନ୍ତି, 'ବିନୁ ପଦ ଚଲଇ ସୁନଇ ବିନୁ କାନା, କର ବିନୁ କରମ କରଇ ବିଧି ନାନା'। ଏହି ପଂକ୍ତି ବିଷୟରେ ଅନେକ ମତ ଦିଅନ୍ତି, ଏହା ଶ୍ରୀଜଗନ୍ନାଥଙ୍କୁ ସମ୍ବୋଧନ କରି ଲେଖାଯାଇଛି ଏବଂ ଏହି ପଂକ୍ତିଟିକୁ ତୁଳସୀ ପୁରୀଠାରେ ଲେଖିଥିଲେ। ଅର୍ଥାତ ଅନେକ ଗବେଷକ ବିଶ୍ୱାସ କରିଛନ୍ତି, ରାମଚରିତମାନସ ରଚନା ଚାଲିଥିବା ସମୟରେ ତୁଳସୀ ପୁରୀରେ ଅବସ୍ଥାନ କରୁଥିଲେ; କିନ୍ତୁ ସମ୍ପୂର୍ଣ୍ଣ ରାମଚରିତମାନସ ଯେ ପୁରୀଠାରେ ରଚିତ ହୋଇଥିଲା ଏହି କଥାଟି ଉପରେ ଆଲୋକ ପଡ଼ି ପାରିନାହିଁ।

# ଜିଲ୍ଲାୱାରୀ ବିଭିନ୍ନ ଯୋଜନାର ସମୀକ୍ଷା କରିବେ ୩୦ ବରିଷ୍ଠ ଆଇଏଏସ୍ ଅଫିସର

**ଭୁବନେଶ୍ୱର (ଭିଓଭି) :** ଉନ୍ନୟନ କମିଶନର ଅନୁ ଗର୍ଗ ଅକ୍ଟୋବରରୁ ଡିସେମ୍ବର ମାସ ପାଇଁ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଜିଲ୍ଲା ଦାୟିତ୍ୱ ବଣ୍ଟନ କରିବା ସହ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଲୋକାଭିମୁଖୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଗ୍ରାଉଣ୍ଡରେ ହେଉଛି କି ନାହିଁ ତାହା ତଦାରଖ କରିବାକୁ ପରାମର୍ଶ ଦେଇଛନ୍ତି। ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଗୋଟିଏ ଲେଖାଏଁ ଜିଲ୍ଲା ଆବଣ୍ଟନ କରାଯାଇ ସେମାନଙ୍କ ନିମନ୍ତେ ୧୨ସୂତ୍ରୀୟ ନିର୍ଦ୍ଦେଶନାମାକୁ ପାଳନ ପାଇଁ ପରାମର୍ଶ ଦିଆଯାଇଛି। ଏହି ଜିଲ୍ଲା ଗସ୍ତ ସମୟରେ ସମ୍ପୃକ୍ତ ଅଫିସରମାନେ ସ୍ଥାୟୀ ଭିତ୍ତିଭୂମି ପ୍ରକଳ୍ପ ସହ ୨୧ଟି ବିଭାଗର ମୋଟ ୪୬ଟି ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ ତୃଣମୂଳସ୍ତରରେ କିଭଳି ହେଉଛି ତାହା ତଦାରଖ କରିବେ। ଜିଲ୍ଲା ଓ ଗ୍ରାମାଂଚଳସ୍ତରରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରାଇବା ନିମନ୍ତେ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି। ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଯଥା- ସୁଭଦ୍ରାଠୁ ଆରମ୍ଭ କରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ପିଏମ ସୂର୍ଯ୍ୟଘର, ଜିଲ୍ଲାସ୍ତରରେ ପଡ଼ି ରହିଥିବା ଅଭିଯୋଗ ଓ ଜନଶୁଣାଣି ପ୍ରକ୍ରିୟା ଆଦି ଯୋଜନାର ସମୀକ୍ଷା କରିବେ। ରାଜ୍ୟର ୩୦ଜଣ ବରିଷ୍ଠ ଆଇଏଏସ ଅଫିସରଙ୍କୁ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ୩ମାସ ପାଇଁ ୩୦ଟି ଜିଲ୍ଲାର ପ୍ରଭାରୀ ଦାୟିତ୍ୱ ନ୍ୟସ୍ତ ହୋଇଛି। ଏହି ଅବଧି ମଧ୍ୟରେ ସେମାନେ ଆବଣ୍ଟିତ ଜିଲ୍ଲାକୁ ୨ରୁ ୩ଦିନ ଗସ୍ତ କରି ସେଠାରେ ଅତିକମରେ ଗୋଟିଏ ରାତି ବିତାଇବେ। ଆଉ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା-କାର୍ଯ୍ୟକ୍ରମର ସମୀକ୍ଷା କରିବେ। ନିର୍ଦ୍ଦେଶକରୁ ପ୍ରମୁଖ ସଚିବ ପାହ୍ୟା ପର୍ଯ୍ୟନ୍ତ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଏହି ଜିଲ୍ଲା ଗସ୍ତର ଦାୟିତ୍ୱ ନ୍ୟସ୍ତ ହୋଇଛି । ଏନେଇ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି ହୋଇଛି।

ବରିଷ୍ଠ ଆଇଏଏସ୍ ଅଫିସରମାନେ ସେମାନଙ୍କୁ ଆବଣ୍ଟିତ ଜିଲ୍ଲାରେ ଅତିକମରେ ଗୋଟିଏ ରାତି ବିତାଇବେ । ନିଜେ ଜିଲ୍ଲାର ଯେକୌଣସି ଅଂଚଳକୁ ଗସ୍ତ କରି ସେଠାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେବେ। ଜିଲ୍ଲା ଗସ୍ତରେ ଯିବାବେଳେ ଦୁର୍ଗମ, ଅପହଂଚ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସମେତ ନିଜ ଇଚ୍ଛାରେ ଅଞ୍ଚଳ ଚୟନ କରି ଗ୍ରାଉଣ୍ଡ ରିପୋର୍ଟ ସଂଗ୍ରହ କରିବେ । ପିଭିଟିଜି (ଆଦିମ ଜନଜାତି) ରହୁଥିବା ଅଞ୍ଚଳକୁ ମଧ ଜିଲ୍ଲା ଗସ୍ତବେଳେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି।

କେବଳ ସେତିକି ନୁହେଁ ଜିଲ୍ଲା ଗସ୍ତରେ ଯିବାବେଳେ ଅତିକମରେ ଗୋଟିଏ ପଂଚାୟତ ପରିଦର୍ଶନ କରି ସେଠାରେ ବିଭିନ୍ନ ବିକାଶମୂଳକ ଓ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ସ୍ତରକୁ ଆକଳନ କରିବାକୁ ମଧ ପରାମର୍ଶ ଦିଆଯାଇଛି। ଆଠଟି ପ୍ରମୁଖ ଖଣିଜ ସମୃଦ୍ଧ ଜିଲ୍ଲା ଯଥା- ଅନୁଗୁଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ରେ ଡିଏମଏଫ ଏବଂ ଓଏମବିଡିଏସି ଅଧୀନରେ ଥିବା ପାଣ୍ଠିର ଉପଯୋଗିତା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା ଉପରେ ଗୁରୁତ୍ୱ ଦେବେ।

ଜିଲ୍ଲା ଗସ୍ତ ସମୟରେ ଅଫିସରମାନଙ୍କୁ ସାମାଜିକ




ସ୍ତରରେ ଲୋକଙ୍କ ସହ ଯୋଡ଼ି ହେବାକୁ ପରାମର୍ଶ ଦିଆଯାଇଛି। ଗସ୍ତବେଳେ ଅତିକମରେ ଗୋଟିଏ ଥର ଭୋଜନ (ନିଜ ଖର୍ଚ୍ଚରେ) ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ, ସ୍କୁଲ ମଧ୍ୟାହ୍ନଭୋଜନ, ଆହାର କେନ୍ଦ୍ର ଅବା କୌଣସି ଅନାଥାଶ୍ରମରେ କରିବା ପାଇଁ କୁହାଯାଇଛି। ଏହି ସମୟରେ ଛାତ୍ରଛାତ୍ରୀ / ଅନ୍ତେବାସୀଙ୍କ ସହ ସୁରକ୍ଷା, ମୌଳିକ ସୁବିଧା ଓ ସେମାନଙ୍କର ସମସ୍ୟା ଆଦି ଉପରେ ଆଲୋଚନା କରି ମତାମତ ସଂଗ୍ରହ କରବେ।

ଏହାବ୍ୟତୀତ ଜିଲ୍ଲାରେ ଥିବା ଯେକୌଣସି ସରକାରୀ ଡାକ୍ତରଖାନାକୁ ଯାଇ ରୋଗୀ, ଆଦିବାସୀ ଛାତ୍ରୀନିବାସର ଛାତ୍ରୀମାନେ, ଅଙ୍ଗନବାଡ଼ି ହିତାଧିକାରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିବାକୁ କୁହାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରରେ ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି) ଗଠନ ହୋଇଛି କି ନାହିଁ ତାହା ଯାଞ୍ଚ କରିବେ । ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, କମନ ରୁମ ଭଳି ମୌଳିକ ସୁବିଧା ଉପରେ ମଧ ଆଲୋଚନା କରିବାକୁ କୁହାଯାଇଛି।

ଗସ୍ତ ଶେଷକରି ଫେରିବା ପୂର୍ବରୁ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ଅଧା ଦିନର ବୈଠକ ଆୟୋଜନ କରି କ୍ଷେତ୍ରୀୟ ଗସ୍ତରୁ ମିଳିଥିବା ମତାମତଗୁଡ଼ିକ ସମ୍ପର୍କରେ ଆଲୋଚନା କରିବେ। ସମସ୍ତ ଯୋଜନା ଓ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭିତ୍ତିଭୂମି ପ୍ରକଳ୍ପ ଯଥା: ବନ୍ଦର, ବିମାନବନ୍ଦର, ମେଡିକାଲ କଲେଜ, ବୃହତ ଜଳସେଚନ ଆଦିର କାର୍ଯ୍ୟ ସମୀକ୍ଷା ମଧ କରିବେ। ଜିଲ୍ଲାର ଯେକୌଣସି ଅଂଚଳକୁ ଯିବାବେଳେ ଚାହିଁଲେ ସାଙ୍ଗରେ ଜୁନିୟର ଅଫିସରମାନଙ୍କୁ ନେଇପାରିବେ ବୋଲି ଏହି ବରିଷ୍ଠ ଆଇଏଏସ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି । ଗସ୍ତ ଶେଷକରି ଫେରିବା ପରେ ନଜର ଅନୁଧ୍ୟାନ ରିପୋର୍ଟକୁ ଉଭୟ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କୁ ପ୍ରଦାନ କରିବେ।

ରାଜ୍ୟର ମୋଟ ୩୦ଟି ଜିଲ୍ଲା ପାଇଁ ୩୦ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତି ମିଳିଥିବାବେଳେ ୧୦ଟି ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱରେ ଯଥାକ୍ରମେ କନ୍ଧମାଳ- ଆଇଏଏସ୍ ଭାସ୍କର ଜ୍ୟୋତି ଶର୍ମା, ବଲାଙ୍ଗୀର- ବଲଓ୍ୱନ୍ତ ସିଂହ, ରାୟଗଡ଼ା- ଯାମିନୀ ଷଡ଼ଙ୍ଗୀ, ଢେଙ୍କାନାଳ- ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ନବରଙ୍ଗପୁର- ଏନ. ତିରୁମାଲା ନାଏକ, କୋରାପୁଟ- ସୁଧାଂଶୁ ମୋହନ ସାମଲ, କଳାହାଣ୍ଡି- ବୃନ୍ଦା ଡି, ମାଲକାନଗିରି- ମହମ୍ମଦ ସାଦ୍ଦିକ୍ ଆଲମ୍, ନୂଆପଡ଼ା- ପ୍ରେମଚନ୍ଦ୍ର ଚୌଧୁରୀ ଓ ଗଜପତି- ଅରିନ୍ଦମ ଡାକୁଆଙ୍କୁ ଆବଣ୍ଟନ ହୋଇଛି । ଏହି ଅଫିସରମାନଙ୍କୁ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର କାର୍ଯ୍ୟଦକ୍ଷତା ଓ ପୁରସ୍କାର ରାଶିର ସଠିକ୍ ଉପଯୋଗକୁ ବିଶେଷ ଭାବରେ ସମୀକ୍ଷା କରିବାକୁ କୁହାଯାଇଛି ।

ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକ ଦାୟିତ୍ୱରେ ଯଥା- ସମ୍ବଲପୁର ପାଇଁ ଚିତ୍ରା ଅରୁମୁଗମଙ୍କୁ ଦାୟିତ୍ୱ ମିଳିଥିବାବେଳେ ପୁରୀ- ବିଶାଲ କୁମାର ଦେବ, ସୁନ୍ଦରଗଡ଼- ଉଷା ପାଢ଼ୀ, ଯାଜପୁର- ସଞ୍ଜୀବ କୁମାର ମିଶ୍ର, ନୟାଗଡ଼- ସଞ୍ଜୟ କୁମାର ସିଂହ, କଟକ- ସୁରେଶ କୁମାର ବଶିଷ୍ଠ, ମୟୂରଭଞ୍ଜ- ଶୁଭା ଶର୍ମା, ଜଗତସିଂହପୁର- ଏନବିଏସ ରାଜପୁତ, ବାଲେଶ୍ୱର- ଟି ଆପାଙ୍ଗ ଆଓ, ଗଞ୍ଜାମ- ଗିରିଶ ଏସ ଏନ, ଅନୁଗୁଳ- ଅଶ୍ୱଥି ଏସ୍, ଭଦ୍ରକ- ପାଟିଲ ରାଜେଶ ପ୍ରଭାକର, ଖୋର୍ଦ୍ଧା- ଅରବିନ୍ଦ ଅଗ୍ରୱାଲ, କେନ୍ଦୁଝର- ଭୁପେନ୍ଦ୍ର ଏସ.ପୁନିଆ, ବୌଦ୍ଧ- ବି.ପରମେଶ୍ୱରନ୍, ବରଗଡ଼- ଗୁହା ପୁନମ ତପସ କୁମାର, କେନ୍ଦ୍ରାପଡ଼ା- ବିଜୟ କେତନ ଉପାଧ୍ୟାୟ, ଝାରସୁଗୁଡ଼ା-ରଶ୍ମିତା ପଣ୍ଡା, ଦେବଗଡ଼- ମାନସୀ ନିମ୍ଭଲ ଓ ସୋନପୁର- କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାୟିତ୍ୱ ମିଳିଛି।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ଆଇଏଏସମାନଙ୍କ ଜିଲ୍ଲା ଗସ୍ତ ବନ୍ଦ ହୋଇଯାଇଥିଲା । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠୁ ଆଇଏଏସ ଅଫିସରମାନଙ୍କୁ ନିୟମିତ ଜିଲ୍ଲା ଗସ୍ତରେ ଯିବା ପାଇଁ ନିର୍ଦ୍ଦେଶନାମା ଜାରି ହେଉଛି ।

## ତେଜସ୍ୱୀଙ୍କ ବଡ଼ ପ୍ରତିଶ୍ରୁତି — ଘର ପିଛା ଜଣଙ୍କୁ ସରକାରୀ ଚାକିରି

**ପାଟନା (ଭିଓଭି) :** ରାଜନୀତିରେ ପ୍ରତିଶ୍ରୁତି ବଡ଼ କଥା ନୁହେଁ। ଭୋଟରଙ୍କୁ ଆକୃଷ୍ଟ କରିବାକୁ ରାଜନେତାମାନେ ବଡ଼ବଡ଼ ପ୍ରତିଶ୍ରୁତି ଦିଅନ୍ତି। କ୍ଷମତାକୁ ଆସିବା ପରେ ସେମାନେ କିଛି ପ୍ରତିଶ୍ରୁତି ପାଳନ କରନ୍ତି ଓ ଆଉ କିଛି ପ୍ରତିଶ୍ରୁତି ପାଣିର ଗାର ହୋଇଯାଏ। ବିଶେଷ କରି ନିର୍ବାଚନ ପୂର୍ବରୁ ରାଜନେତାମାନେ ଲୋକଙ୍କୁ ପ୍ରଲୋଭିତ କରନ୍ତି। ସେମାନଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ଚେଷ୍ଟା କରନ୍ତି। ଏହି ପରମ୍ପରା ନଭେମ୍ବର ୬ରୁ ଆରମ୍ଭ ହେଉଥିବା ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମଧ ଦେଖିବାକୁ ମିଳିଛି। କ୍ଷମତାକୁ ଆସିବା ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ବିହାରବାସୀଙ୍କୁ ବେଶ୍ ନିଆରା ଓ ଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ବିରୋଧୀ ମେଣ୍ଟ ଆଗାମୀ ନିର୍ବାଚନରେ କ୍ଷମତା ଦଖଲ କରିବ, ତା'ହେଲେ ବିହାରର ପ୍ରତିଟି ଘରୁ ଜଣଙ୍କୁ ନିଶ୍ଚିତ ଭାବେ ସରକାରୀ ଚାକିରି ମିଳିବ। ଏ



ସଂକ୍ରାନ୍ତ ବିଧେୟକ ସରକାର ଗଠନ କରିବାର ୨୦ ଦିନ ମଧ୍ୟରେ ଆସିବ। ବିନା ଚାକିରିର କୌଣସି ଘର ବିହାରରେ ରହିବ ନାହିଁ ବୋଲି ତେଜସ୍ୱୀ ଦମ୍ଭୋକ୍ତି କରିଛନ୍ତି। ସେ କହିଛନ୍ତି, "ଆମେ ଆଜି ଗୋଟିଏ ଐତିହାସିକ ଘୋଷଣା କରିବାକୁ ଯାଉଛୁ। ଅନେକ ଲୋକ ଜାଣିବାକୁ ଚାହୁଁଛନ୍ତି ଯେ, ଆମେ କେମିତି ବିହାରକୁ ଆଗକୁ ନେବୁ। ବେକାରୀ ବିହାରର ସବୁଠାରୁ ବଡ଼ ପ୍ରସଙ୍ଗ ବୋଲି ୨୦ ବର୍ଷ ହେଲାଣି ଏହି ସରକାର ଜାଣିବାକୁ ଅକ୍ଷମ ହୋଇଛନ୍ତି।"

ସେ କହିଛନ୍ତି, ଏନ୍‌ଡିଏରେ ଥିବା ଜେଡିୟୁ ଓ ବିଜେପି ଚାକିରି ପାଇଁ ପ୍ରତିଶ୍ରୁତି ଦେଉ ନାହାନ୍ତି। ସେମାନେ କେବଳ ବେକାରୀ ଭତ୍ତା କଥା କହୁଛନ୍ତି। ତେଜସ୍ୱୀ କହିଛନ୍ତି, "ଯେଉଁ ବିହାର ପରିବାର ପାଖରେ ସରକାରୀ ଚାକିରି ନାହିଁ, ସେମାନେ ନୂଆ ବିଧେୟକ ବଳରେ ସରକାରୀ ଚାକିରି ପାଇବେ। ସରକାର ଗଠନ କରିବାର ୨୦ ଦିନ ମଧ୍ୟରେ ଆମେ ଏନେଇ ବିଧେୟକ ଆଣିବୁ ଆଉ ୨୦ ମାସ ମଧ୍ୟରେ ଆମେ ବିହାରର କୌଣସି ଘର ଯେମିତି ସରକାରୀ ଚାକିରିରୁ ବଞ୍ଚିତ ନଥିବ, ତା'ଙ୍କୁ ନିଶ୍ଚିତ କରିବୁ।" ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦାବି କରିଛନ୍ତି ଯେ, ତାଙ୍କ ଦାବି ତଥ୍ୟ ଉପରେ ଆଧାରିତ। ଏହା ମୋର ପ୍ରତିଜ୍ଞା। ଏମିତି ହିଁ ହେବ। ଏହା ଆଦୌ ଜୁମଲେବାଜ ବା ମିଛ ପ୍ରତିଶ୍ରୁତି ନୁହେଁ। ବିହାରର ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି। ସାମାଜିକ ପରିବର୍ତ୍ତନ ବ୍ୟତୀତ ଆମେ ବିହାର ଲୋକଙ୍କ ଅର୍ଥନୀତିକ ନ୍ୟାୟକୁ ମଧ ନିଶ୍ଚିତ କରିବୁ। ଏହା ସମ୍ଭବ। ଏଥିପାଇଁ ଇଚ୍ଛା ଶକ୍ତି ଆବଶ୍ୟକ। ସେମାନେ ଆମ ଘୋଷଣାର ନକଲ କରୁଛନ୍ତି।

ସୂଚନାଯୋଗ୍ୟ, ବିହାରର ୨୪୩ ବିଧାନସଭା ଆସନ ପାଇଁ ୨ଟି ପର୍ଯ୍ୟାୟ ଅର୍ଥାତ ନଭେମ୍ବର ୬ ଓ ୧୧ରେ ମତଦାନ ହେବ। ସେହିପରି ନଭେମ୍ବର ୧୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ବିହାର ନିର୍ବାଚନ ପାଇଁ ଏନ୍‌ଡିଏ ଆସନ ବୁଝାମଣା ଶେଷ

**ପାଟନା (ଭିଓଭି) :** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆସନ ବୁଝାମଣାକୁ ନେଇ ଏନଡିଏ ମଧ୍ୟରେ ଦେଖାଦେଇଥିବା ମତଭେଦର ଅବସାନ ଘଟିଛି। ଏନଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ବୁଝାମଣା ଜରିଆରେ ଆସନ ଭାଗବଣ୍ଟା ହୋଇଛି। ଏଥିରେ ପ୍ରମୁଖ ସହଯୋଗୀ ଦଳ ବିଜେପି ଏବଂ ଜେଡିୟୁକୁ ୧୦୧



ଲେଖାଏ ଆସନ ମିଳିଛି। ବିହାର ବିଧାନସଭାଟି ୨୪୩ ଆସନ ବିଶିଷ୍ଟ। ସେଥିମଧ୍ୟରୁ ବିଜେପି ଏବଂ ଜେଡିୟୁକୁ ସର୍ବାଧିକ ୧୦୧ ଲେଖାଏ ଆସନ ମିଳିଛି। ଉଭୟ ଦଳ ୨୦୨ ଆସନରେ ପ୍ରାର୍ଥୀ ଦେବେ। ଏହାବ୍ୟତୀତ ଅନ୍ୟତମ ସହଯୋଗୀ ଦଳ ଏଲଜେପି(ଆର) ଭାଗରେ ୨୯ ଆସନ ପଡ଼ିଛି। ସେହିପରି ଆରଏଲଏମ ଏବଂ ଏଚଏଏମ ଭାଗରେ ୬ଟି ଲେଖାଏ ଆସନ ପଡ଼ିଛି। ସମସ୍ତ ଦଳର କାର୍ଯ୍ୟକର୍ତ୍ତାମାନେ ଏହାକୁ ସ୍ୱାଗତ କରିଛନ୍ତି। ବିହାର ପ୍ରଭାରୀ ଦାୟିତ୍ୱରେ ଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ ବୁଝାମଣା ଡିଲ୍ ଘୋଷଣା କରିବା ସହିତ ଆଉ ଏକ ଏନଡିଏ ସରକାର ପାଇଁ ବିହାର ପ୍ରସ୍ତୁତ ବୋଲି କହିଛନ୍ତି।

# ଶ୍ରମିକ ମାରଣ ନୀତି କାହା ସ୍ୱାର୍ଥରେ ?

## ଶ୍ରମିକ ଆଇନ ପରିବର୍ତ୍ତନ : ଗରିବ-ମୂଲିଆ-ମଜୁରିଆଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି !





**ଖୋର୍ଦ୍ଧା, (ଭିଓଭି) :** ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ପୂର୍ବରୁ ରହିଥିବା ତିନିଟି ଆଇନ ଯଥା ଫ୍ୟାକ୍ଟ୍ରି ଆକ୍ଟ, ଦୋକାନ ଓ ଅନୁଷ୍ଠାନ ଆଇନ ଏବଂ ଶିଳ୍ପ ଆଇନରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂଶୋଧନରେ ପୂର୍ବରୁ ପ୍ରଚଳିତ ଥିବା ଶ୍ରମିକମାନଙ୍କ ପାଇଁ ୮ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା ଶ୍ରମ କରିବାର ବ୍ୟବସ୍ଥା ସୃଷ୍ଟି ହୋଇଛି। ଶ୍ରମିକମାନେ ଖଟୁଥିବା ୮ ଘଣ୍ଟା ପରେ ବିନା ବେତନରେ ବା ମଜୁରୀରେ ଆଉ ଏକ ଘଣ୍ଟା ଖଟିବାର ବ୍ୟବସ୍ଥା ପୂର୍ବରୁ ଥିଲା। ବର୍ତ୍ତମାନ ୯ ଘଣ୍ଟା ଖଟିବା ପରେ ଆହୁରି ୧ ଘଣ୍ଟା ଖଟିବା କଥା କୁହାଯାଉଛି। ଏଥି ସହିତ ସପ୍ତାହରେ ଯେଉଁମାନେ ଅଧିକ ସମୟ କାମ କରିବେ ତାଙ୍କୁ ଦୁଇଗୁଣ ମଜୁରୀ ଦିଆଯିବାର ବ୍ୟବସ୍ଥା ହୋଇଛି। ଏହା କିଛି ନୂଆ କଥା ନୁହେଁ। ଏହି ବ୍ୟବସ୍ଥାଟି ପୂର୍ବରୁ ପ୍ରଚଳିତ ଥିଲା। ଏହି ନୂଆ ସଂଶୋଧନ ଏକ କର୍ପୋରେଟ୍ ଶାସନ ବ୍ୟବସ୍ଥାକୁ ସୂଚାଇ ଦେଉଛି। ଅର୍ଥାତ୍ ଶିଳ୍ପପତି, ପୁଞ୍ଜିପତି ଓ ସାମନ୍ତବାଦୀ ବ୍ୟବସ୍ଥାରେ ଖଟୁଥିବା ମଣିଷ ପ୍ରତି ନିର୍ଦ୍ଦୟ ଭାବ ସ୍ପଷ୍ଟ ହୋଇଛି।

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଅର୍ଥାତ୍ ଯେଉଁ ସମାଜଟି ଯେତେ ସୁସ୍ଥ ସେହି ସମାଜ ବା ସେହି ରାଷ୍ଟ୍ର ଅଧିକ ଶକ୍ତିଶାଳୀ ଓ ସମ୍ପଦରେ ଭରପୂର ଥିବା କୁହାଯାଇପାରିବ। ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୦ ଓ ୧୯୬୦ ଦଶକରେ ଆମ ଦେଶରେ ଅଧିକାଂଶ ଲୋକଙ୍କୁ ପେଟପୂରା ଖାଇବାକୁ ଖାଦ୍ୟ ମିଳୁନଥିଲା। ପିଏଲ୍-୪୮୦ ଚୁକ୍ତିନାମା ଅନୁସାରେ ଆମେରିକାରୁ ଆସୁଥିବା କ୍ଷୀର ଗୁଣ୍ଡ, ମକା ଚୂନା ଅଧିକାଂଶ ପିଲାଙ୍କର ପେଟଭରଣ କରୁଥିଲା। ଖୁସିର ବିଷୟ ଭାରତ ବର୍ଷରେ ଶାସକଗଣଙ୍କର ପଞ୍ଚବାର୍ଷିକ ଯୋଜନାରେ ନିଆଯାଇଥିବା ଦୁଇଟି କାର୍ଯ୍ୟକ୍ରମ, ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବ ଖୁବ୍ ଭଲ ଭାବେ ସଫଳ ହେଲା। ଏଥିପାଇଁ ବୈଜ୍ଞାନିକ ଭର୍ଗୀଜ୍ କୁରିଅନ ଓ ସ୍ୱାମୀନାଥନ୍ଙ୍କୁନ ପ୍ରଶଂସା କରିବା ସହିତ ସେ ସମୟର ଦୁଇ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ଓ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କୁ ମଧ୍ୟ ପ୍ରଶଂସା କରିବାକୁ ହେବ। କିନ୍ତୁ ଆମକୁ ପଢ଼ାଯାଉଥିବା ସୁଷମ ଖାଦ୍ୟର ଆବଶ୍ୟକତା ଓ ବିଶେଷତ୍ୱ ଏପର୍ଯ୍ୟନ୍ତ ଦେଶର ୬୦ ଭାଗ ଲୋକ ଓ ଆମ ରାଜ୍ୟ ଓଡ଼ିଶାର ୭୦ ଭାଗରୁ ଉର୍ଦ୍ଧ୍ୱ ଲୋକଙ୍କ ପାଖରେ ଅପହଞ୍ଚ ଅଛି। ସ୍କୁଲରେ ପଢୁଥିବା ପିଲାଙ୍କ ଭିତ୍ରରୁ ୮୦% ଦୈନିକ ଆବଶ୍ୟକ ଫଳ ଖାଇବାକୁ ପାଆନ୍ତି ନାହିଁ ବା ଆବଶ୍ୟକ କ୍ଷୀର ଓ ଅଣ୍ଡା ପ୍ରତିଦିନ ଖାଇନଥାନ୍ତି। ଏବେ ମଧ୍ୟ ଏହି ଅବସ୍ଥା ସାରା ଭାରତବର୍ଷରେ ବିଛାଡ଼ି ପଡ଼ିଛି। ଆମେ କେବଳ ଓଡ଼ିଶାରେ ଚାଉଳ ଖାଇବୁ କି ମାଣ୍ଡିଆ ଖାଇବୁ ଏହି ତର୍କ ବା ବିଚାରରେ ଅଛୁ।

ପ୍ରତ୍ୟେକ ବ୍ୟକ୍ତିର ଶକ୍ତି ଓ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ଯେଉଁ ସୁଷମ ଖାଦ୍ୟର ଆବଶ୍ୟକତା ଅଛି ତାହା ଭାରତବର୍ଷରେ ମିଳେନାହିଁ। ଯେଉଁ ଖାଦ୍ୟ ପିଲାଙ୍କୁ ଶକ୍ତକରି ଗଢ଼ି ତୋଳିବାରେ ସାହାଯ୍ୟ କରେ ତାହା ଅଧିକାଂଶଙ୍କ ପାଖରେ ପହଞ୍ଚିପାରେ ନାହିଁ। ବୟସ ଅନୁସାରେ ପିଲାଙ୍କର ଉଚ୍ଚତା ଏବଂ ଓଜନ ଯାହା ହେବାର କଥା ତାହା ପ୍ରାୟତଃ ୬୦ ଭାଗ ପିଲାଙ୍କ ପାଖରେ ନାହିଁ। ଏପରିକି ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାମାନଙ୍କରେ ୮୦% ପିଲାଏ ଠିକ୍ ପୋଷଣଯୁକ୍ତ ଖାଦ୍ୟ ଏବେ ବି ପାଉନାହାନ୍ତି। ଏଣୁ ବଡ଼ ହେଲାପରେ ସେମାନେ ଖଟିବାର ଯେଉଁ ସାମର୍ଥ୍ୟ ହାସଲ କରିବା କଥା ତାହା କରିପାରି ନାହାନ୍ତି। ଏପରିକି ଯୁବ ଅବସ୍ଥାରେ ଯେଉଁମାନେ ପହଞ୍ଚିଛନ୍ତି, ସେ ପୁରୁଷ ହୁଅନ୍ତୁ ବା ନାରୀ, କିଛି ସମୟ ଖଟିଲା ପରେ ହାଲିଆ ହୋଇପଡ଼ନ୍ତି।

ଆଜିକାଲି ଆମେ ଦେଖିଆସୁଛେ ଯେ, ଏଇ ଗତ କିଛି ବର୍ଷ ହେବ କର୍ପୋରେଟ୍ ସେକ୍ଟରରେ କାର୍ଯ୍ୟ କରୁଥିବା ଅନେକ ଯୁବ ପ୍ରତିଭା ମାନସିକ ଅଶାନ୍ତି ଓ ଦୁଃଶ୍ଚିନ୍ତା ହେତୁ ପାରିବାରିକ ସଂକଟର ସମ୍ମୁଖୀନ ହେଉଛନ୍ତି ଓ ବେଳେବେଳେ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ସଦ୍ୟ ପ୍ରକାଶିତ ଜାତୀୟ ଅପରାଧିକ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ଦେଶରେ ଗତ ୨୦୨୩ ମସିହାରେ ୧ ଲକ୍ଷ ୭୧ ହଜାର ୪୧୮ ଜଣ ଆତ୍ମହତ୍ୟା କରିଛନ୍ତି। ଏହାର ମୁଖ୍ୟ କାରଣ ଭାବେ ସ୍ୱାସ୍ଥ୍ୟଗତ ସମସ୍ୟା ବୋଲି ଦର୍ଶାଯାଇଛି। ଉକ୍ତ ତଥ୍ୟରେ ଦର୍ଶାଯାଇଛି ଯେ, ଗତ ୧୦ ବର୍ଷ ମଧ୍ୟରେ ୨୦%ରୁ ଉର୍ଦ୍ଧ୍ୱ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସମସ୍ତ କଥା ମୋଟାମୋଟି ଭାବରେ ଦେଖିଲେ, ଲୋକମାନେ ଅଧିକ ପଇସା ଆଶାରେ ବେଶୀ ସମୟ ଖଟିପାରନ୍ତି। କିନ୍ତୁ ସେହି ସମୟରେ ତାଙ୍କଠାରୁ ଯେଉଁ ଉତ୍ପାଦନ ମାଲିକ ଆଶା କରିଥାଏ ତାହା ମିଳେନାହିଁ। ଯେଉଁ ଶ୍ରମିକ ଦଳ ପ୍ରଥମ ୪ ଘଣ୍ଟାରେ ଟ୍ରେନରେ ଯେତେ ବସ୍ତା ଲୋଡ଼ କରିଥାନ୍ତି ପରବର୍ତ୍ତୀ ୪ ଘଣ୍ଟାରେ ସେଥିରୁ ୩୦% କରିବାରେ କଷ୍ଟ ଅନୁଭବ କରନ୍ତି। ତେଣୁ ଆମ ରାଜ୍ୟର ଲୋକମାନେ ୯-୧୦ ଘଣ୍ଟା ଧରି ଦୈନିକ ଖଟିବା ବା ତାଙ୍କଠାରୁ ପଇସାର ଲୋଭ ଦେଖାଇ ତାଙ୍କୁ ଖଟାଇବା ଭୁଲ ହେବ। ଏପରି କଲେ ଅପ୍ରାପ୍ତ ବୟସରେ ସେମାନେ ବିଭିନ୍ନ ରୋଗର ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ତେଣୁ ଏ ସମସ୍ତ କଥା ବିଚାରକୁ ନେଲେ ବର୍ତ୍ତମାନ ସରକାରଙ୍କର ଗରିବ, ମୂଲିଆ ଓ ମଜୁରିଆ ମାରଣ ନୀତି ସ୍ପଷ୍ଟ ହୋଇଛି। ଖଟିଖିଆ, ମେହନତୀ ଜନଗଣଙ୍କୁ ଅକାଳରେ ବୃଦ୍ଧ କରି ମୃତ୍ୟୁ ମୁଖକୁ ଠେଲିଦେବା ସାର ହେଉଛି।

# ଭେଣ୍ଡର ବ୍ୟବସ୍ଥାରେ ବଢୁଛି ମନରେଗା ଦୁର୍ନୀତି



## ଜିଏସ୍‌ଟି ସ୍କାନରରେ ୨ଶହରୁ ଅଧିକ ଭେଣ୍ଡର
### ପ୍ରତିଷ୍ଠାନ ନଥାଇ କୋଟି କୋଟି ଟଙ୍କାର ସାମଗ୍ରୀ ଯୋଗାଣ

**କାକଟପୁର /ଅସ୍ତରଙ୍ଗ (ଭିଓଭି) :** ମନରେଗାରେ ଦୁର୍ନୀତି ବଢ଼ାଉଛି ଭେଣ୍ଡର ବ୍ୟବସ୍ଥା । ବ୍ୟବସାୟ ପ୍ରତିଷ୍ଠାନ ନଥାଇ ସେମାନେ କୋଟି କୋଟି ଟଙ୍କାର ସିମେଣ୍ଟ, ଲୁହାଛଡ଼ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଛନ୍ତି । ଏତେ ଟଙ୍କାର ସାମଗ୍ରୀ ଯୋଗାଇ ବିଲ କରୁଥିଲେ ମଧ୍ୟ ଅଧିକାଂଶ ଭେଣ୍ଡର ଜିଏସଟି ଦାଖଲ କରୁନାହାନ୍ତି । କେଉଁଠୁ ସାମଗ୍ରୀ କିଣୁଛନ୍ତି, ଏହାର ରସିଦ ବି ରଖୁନାହାନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ସମେତ ଜିଲ୍ଲାରେ ୨ଶହରୁ ଅଧିକ ଭେଣ୍ଡର ଏବେ ଜିଏସଟି ସ୍କାନରରେ । ସେମାନଙ୍କଠାରୁ ଜରିମାନା ଆଦାୟ ଲାଗି ଭୟରେ ତାଟିଆ କାମୁଡିଲେଣି । ଭେଣ୍ଡର ବ୍ୟବସ୍ଥା ଯୋଗୁଁ କୋଟି କୋଟି ଟଙ୍କାର ଟିକସ ହାନି ହେଉଛି । ମନରେଗା କାମରେ ଆବଶ୍ୟକ ସାମଗ୍ରୀ ନଯୋଗାଇ କେବଳ ବିଲ କରି ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହେଉଛି । ଭିଜିଲାନ୍ସ ଦ୍ୱାରା ଭେଣ୍ଡରଙ୍କ କାଗଜ ପତ୍ର ଯାଞ୍ଚ ଲାଗି ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ।

ମନରେଗାର ବିଭିନ୍ନ ପ୍ରକଳ୍ପରେ ଶ୍ରମିକଙ୍କ ମଜୁରୀ ଓ ଏଥିରେ ବ୍ୟବହାର କରାଯାଉଥିବା ସାମଗ୍ରୀ ବାବଦରେ ଖର୍ଚ୍ଚ କରାଯାଉଛି । ଶ୍ରମିକଙ୍କ ମଜୁରୀ ସେମାନଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଖାତାରେ ଜମା କରାଯାଉଛି । ହେଲେ ଏ ସବୁ ପ୍ରକଳ୍ପରେ ହେଉଥିବା ସାମଗ୍ରୀ ବାବଦ ଖର୍ଚ୍ଚ ଡିଆରଡିଏରେ ପଞ୍ଜିକରଣ କରିଥିବା ଭେଣ୍ଡରଙ୍କ ଖାତାରେ ପ୍ରଦାନ କରାଯାଉଛି । କେତେକ ଭେଣ୍ଡରଙ୍କ ନିର୍ମାଣ ସାମଗ୍ରୀର ବ୍ୟବସାୟ ପ୍ରତିଷ୍ଠାନ ରହିଛି । ଆଉ କେତେକଙ୍କ ବ୍ୟବସାୟ ପ୍ରତିଷ୍ଠାନ ନଥାଇ ଭେଣ୍ଡର ଭାବେ ପଞ୍ଜିକରଣ କରିଛନ୍ତି । ପଞ୍ଜିକରଣ କରିବାରେ ସରକାରଙ୍କ କଡା ଗାଇଡ୍‌ଲାଇନ୍ ନଥିବାରୁ ଏହାର ସୁଯୋଗ ନେଉଛନ୍ତି ଅସାଧୁ ଭେଣ୍ଡର । ଠିକାଦାର ସାମଗ୍ରୀ କିଣୁଥିଲେ ମଧ୍ୟ ଭେଣ୍ଡରଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି । ପରବର୍ତ୍ତୀ ସମୟରେ ବିଭିନ୍ନ ଟିକସ ବାବଦକୁ ୮ରୁ ୧୨ପ୍ରତିଶତ ରଖି ବଳକା ଟଙ୍କା ଠିକାଦାରଙ୍କୁ ପ୍ରଦାନ କରାଯାଉଛି । ଯେଉଁ ସାମଗ୍ରୀ ଯୋଗାଇଛି ବୋଲି ଟଙ୍କା ଉଠାଯାଇଛି, ଏହା କିଣା ରସିଦ ଦାଖଲ କରିବାକୁ ପଡୁନି । କିଣା ରସିଦ ଦାଖଲ କରାଯାଉ ନଥିବାରୁ ଜିଏସଟି ଫାଙ୍କିବାକୁ ସୁଯୋଗ ମିଳିଯାଉଛି । ଏଭଳି ଭାବେ ଭେଣ୍ଡରମାନେ ମନଇଚ୍ଛା ବିଲ କରି ଟଙ୍କା ହଡପ କରୁଛନ୍ତି । ଭେଣ୍ଡରଙ୍କୁ ଏଭଳି ଦୁର୍ନୀତିରେ ସହଯୋଗ କରୁଛନ୍ତି ପିଇଓ, ଯନ୍ତ୍ରୀ ଅନ୍ୟ କେତେକ କର୍ମଚାରୀ ଓ ଗ୍ରାମାଞ୍ଚଳର କିଛି କୁଜି ନେତା । ଯେଉଁ ଭେଣ୍ଡରମାନେ ଅଧିକାରୀଙ୍କୁ ଭିତିରି ହାତଗୁଞ୍ଜା ଦେଇପାରିଲେ, ସେମାନେ ବିଭିନ୍ନ ପ୍ରକଳ୍ପକୁ ସାମଗ୍ରୀ ଯୋଗାଣ ବାବଦରେ ଟଙ୍କା ଛଡାଯାଉଛି । ସାମଗ୍ରୀ କିଣୁଛନ୍ତି ନା ନାହିଁ, କାହାଠୁ କିଣିଛନ୍ତି, କେବେ କିଣିଛନ୍ତି, ଜିଏସ୍‌ଟି ଦାଖଲ ହୋଇଛି ନା ନାହିଁ, ଏହା ଜାଣିବା ଲାଗି ଭେଣ୍ଡରଙ୍କ କାଗଜପତ୍ର ଯାଞ୍ଚ କରିବାକୁ କୌଣସି ବ୍ୟବସ୍ଥା ନାହିଁ । ଯାହାକୁ ନେଇ ଏମିତି ବିବୃତି ରଖିଛନ୍ତି ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବିଜୟ ବେହେରା । ସେ କହିଛନ୍ତି ଖୁବ୍‌ଶୀଘ୍ର ସତ ସାମ୍ନାକୁ ଆସିବ, ଟଙ୍କା ଅସଲି, ଭେଣ୍ଡର ନକଲି । ଫଳରେ ଦୁର୍ନୀତି କରିବାକୁ ସହଜ ହୋଇଯାଉଛି । ପ୍ରତ୍ୟେକ ଭେଣ୍ଡରଙ୍କ କାଗଜପତ୍ର ଯାଞ୍ଚ କରାଗଲେ କୋଟି କୋଟି ଟଙ୍କାର ଦୁର୍ନୀତି ପଦାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# Protect Your Throat This Rainy & Winter Season



Dr. Satyabrata Panigrahi

When the weather turns cold or damp, sore throats, coughs, and hoarseness become common. The good news? Most of it can be prevented with simple care. Here's how to keep your throat healthy this season:

**Practical Tips for Everyday Throat Care:**

- Keep your neck warm.
- Always wear a scarf or muffler when stepping out in cold or windy weather.
- Avoid cold and refrigerated food.
- Skip ice creams, cold drinks, and curd straight from the fridge.
- Choose warm water or soup instead.
- Drink warm water frequently.
- Staying hydrated keeps the throat moist and helps flush out infection-causing germs.
- Do salt-water gargling twice daily.
- A pinch of salt in lukewarm water can calm throat irritation and prevent infection.
- Take steam inhalation for 5–10 minutes. It clears mucus, reduces dryness, and gives instant relief.
- Avoid dust, smoke, and pollution. Use a mask while travelling. Stay away from cigarette smoke.
- Speak softly and rest your voice if hoarse. Shouting or talking loudly strains the vocal cords.
- Eat immunity-boosting foods. Include amla, lemon, orange, tulsi, and honey in your daily routine.
- Eat light, fresh food. Avoid spicy, oily, or junk food that can irritate the throat.
- Keep indoor air moist. Using a bowl of water near your bed or a humidifier helps reduce throat dryness.
- Try herbal home remedies. Warm turmeric milk, ginger tea, or honey with tulsi can soothe mild soreness naturally.
- Avoid sudden temperature changes. Don't move from hot indoors to cold outdoors without proper cover.
- Get enough rest. A tired body catches infection faster; sleep supports your immune system.
- Avoid smoking or tobacco in any form. It's the biggest enemy of your throat and voice.
- Don't ignore persistent symptoms. If pain, hoarseness, or difficulty swallowing lasts more than a week, see an ENT specialist and get Laryngoscopy (Throat Endoscopy) done as per advice.

**Ph.D. Scholar (Audiology), M.D.(E.H), M.Sc (ASLP)**
**Ex–Assistant Professor, ENT Dept., SGRD Medical University, Amritsar, Punjab**

# When Bullets Pierce the Earth : The Silent War Against Our Environment



Nihar Ranjan Acharya

- War has always been humanity's loudest expression of conflict — roaring tanks, blazing missiles, and thunderous explosions. Yet, beneath this deafening chaos lies a quieter, more enduring casualty: **the Earth itself.**
- Every ongoing war today — whether in Europe, the Middle East, or Africa — leaves behind not only broken bodies and shattered homes, but also scarred soils, poisoned rivers, and wounded ecosystems. The cost of conflict extends far beyond human lives; it is etched into the land, air, and water that sustain all life.

**The Hidden Victim: Nature**

- When bombs detonate, forests burn. When tanks roll, they crush fields that once fed families. When oil depots explode, toxic smoke clouds the sky, suffocating both man and nature.
- According to the United Nations Environment Programme (UNEP), environmental destruction in conflict zones has reached unprecedented levels — from radioactive contamination and oil spills to deforestation and desertification.
- During recent wars, massive amounts of greenhouse gases have been released into the atmosphere, undoing years of global climate efforts. Fertile farmlands are littered with landmines, making them unusable for decades. Rivers are blocked or polluted, depriving entire communities of clean water.

**War for Peace, or War on the Planet?**

- Leaders may justify war as a pursuit of peace or security, but ironically, it destabilizes the very foundation on which peace depends — **ecological balance.**"For instance, in many conflict zones, the breakdown of governance opens the floodgates to illegal logging, wildlife trafficking, and uncontrolled mining. War



doesn't just kill soldiers; it empowers those who exploit chaos for profit, accelerating environmental collapse.

**The Ecological Domino Effect**

- When war destroys vegetation, soil erosion follows. When pollution seeps into water bodies, aquatic life perishes. When habitats vanish, species disappear forever.
- These are not isolated effects — they form a chain reaction that contributes directly to **climate change, food insecurity, and mass displacement.** The term "climate refugees" will increasingly include those fleeing not just floods and droughts, but also ***the ecological aftermath of human wars.***

***The Need for Environmental Justice in War***

- It is time for the international community to recognize **"ecocide"**— the large-scale destruction of ecosystems — as a war crime. Just as we hold individuals accountable for genocide, so too must we hold nations accountable for ecocide. Environmental restoration should be built into post-war recovery plans, not treated as an afterthought.

***Peace Begins with the Planet***

- True peace is not merely the absence of war, but the ***presence of harmony***— between humans and nature. The weapons of mass destruction may silence cities, but they cannot silence the cry of a dying Earth.
- If humanity is to survive, it must learn this truth:

***Every bomb dropped on the Earth is a bomb dropped on our own future.***

- Let our next battles be not for territory, but for trees. Not for power, but for peace. Not for domination, but for the ***preservation of life itself.***

Science Communicator, Environmentalist, Author and Visionary
Founder and Working Director, TRUST
Scientific Officer, Indian Climate Congress
Ph. 8249775817
Email: nihar.acharya1973@gmail.com

# ୨୦୨୭ରେ ଭାରତ ପାଇବ ପ୍ରଥମ ମହିଳା ପ୍ରଧାନ ବିଚାରପତି !



ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବାର ୭୫ ବର୍ଷ ହୋଇଯାଇଥିଲେ ହେଁ ଏପର୍ଯ୍ୟନ୍ତ ଦେଶ ଜଣେ ମହିଳାଙ୍କୁ ପ୍ରଧାନ ବିଚାରପତି ପଦରେ ଦେଖିପାରି ନାହିଁ।

ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବାଇ ଆସନ୍ତା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ଅର୍ଥାତ୍ ତାଙ୍କ କାର୍ଯ୍ୟକାଳ ୬ ମାସ ରହିବ। ତାଙ୍କ ପୂର୍ବରୁ ଏହି ପଦରେ ବସିଥିବା ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ କାର୍ଯ୍ୟକାଳ ମଧ୍ୟ ୬ ମାସ ରହିଥିଲା।

ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବାର ୭୫ ବର୍ଷ ହୋଇଗଲାଣି। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଧାନ ବିଚାରପତି ପଦରେ ଜଣେ ହେଲେ ମହିଳା ବସିପାରି ନାହାନ୍ତି। ସେହିପରି ଏତେ ବର୍ଷ ମଧ୍ୟରେ କେବଳ ୧୧ ଜଣ ମହିଳା ସୁପ୍ରିମକୋର୍ଟର ବିଚାରପତି ହୋଇଛନ୍ତି। ୧୯୮୯ରେ ଜଷ୍ଟିସ ଫାତିମା ବିବି ରଚିଥିଲେ ଇତିହାସ। ସେ ବନିଥିଲେ ସୁପ୍ରମିକୋର୍ଟର ପ୍ରଥମ ମହିଳା ବିଚାରପତି। ତେବେ ସେ ମାତ୍ର ଅଢ଼େଇ ବର୍ଷ ପାଇଁ ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ।

ପ୍ରଧାନ ବିଚାରପତି ଚୟନରେ ଏକ ଅଲିଖିତ ନିୟମକୁ ଅନୁସରଣ କରାଯାଏ। ସାଧାରଣତଃ ବରିଷ୍ଠତା ଭିତ୍ତିରେ ପ୍ରଧାନ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଥାଏ। ଅର୍ଥାତ୍ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ମଧ୍ୟରୁ ଯାହାଙ୍କ ବୟସ ସବୁଠୁ ଅଧିକ ହୋଇଥାଏ, ତାଙ୍କୁ ପ୍ରଧାନ ବିଚାରପତି ପଦରେ ନିଯୁକ୍ତି ଦିଆଯାଇଥାଏ। ଫଳରେ ସେହି ଅନୁସାରେ ତାଙ୍କ କାର୍ଯ୍ୟକାଳ ମଧ୍ୟ ସ୍ଥିର ହୋଇଯାଏ ଓ ସେ ଅବସର ନିଅନ୍ତି।

ଯଦି ଏହି ବରିଷ୍ଠତା ନିୟମକୁ ହିସାବକୁ ନିଆଯାଏ, ତା'ହେଲେ ୨୦୨୭ ମସିହାରେ ଭାରତ ତା'ର ପ୍ରଥମ ମହିଳା ପ୍ରଧାନ ବିଚାରପତି ପାଇପାରେ। ଆଉ ଏହି ଗୌରବ ହାସଲ କରିବେ ଜଷ୍ଟିସ ବିଭି ନାଗରତ୍ନା। ସେ ହେବେ ଦେଶର ୫୪ତମ ପ୍ରଧାନ ବିଚାରପତି। ଜଷ୍ଟିସ ବିଭି ନାଗରତ୍ନା ଏବେ ସୁପ୍ରିମକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି। ଯଦି ସେ ଭାରତର ପ୍ରଥମ ମହିଳା ପ୍ରଧାନ ବିଚାରପତି ହୁଅନ୍ତି, ତା'ହେଲେ ମାତ୍ର ୩୬ ଦିନ ପାଇଁ ଏହି ପଦରେ କାର୍ଯ୍ୟ କରିବେ।

ଜଷ୍ଟିସ ବିଭି ନାଗରତ୍ନାଙ୍କ ନାଁରେ ଆଉ ଦୁଇଟି ରେକର୍ଡ ମଧ୍ୟ ଯୋଡ଼ି ହୋଇଯିବ। ସୁପ୍ରିମକୋର୍ଟର ମହିଳା ବିଚାରପତି ଭାବେ ସର୍ବାଧିକ ସମୟ ଧରି କାର୍ଯ୍ୟ କରିବାର ରେକର୍ଡ ତାଙ୍କ ନାଁରେ ରହିବ। ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ମାତ୍ର ୩୬ ଦିନ ରହିଲେ ହେଁ ସୁପ୍ରିମକୋର୍ଟର ଜଣେ ମହିଳା ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ୬ ବର୍ଷ ୨ ମାସ ରହିବ। ସେହିପରି ଯଦି ସେ ୨୦୨୭ ସେପ୍ଟେମ୍ବର ୨୭ରେ ଦେଶର ୫୪ତମ ପ୍ରଧାନ ବିଚାରପତି ଭାବେ ଶପଥ ନିଅନ୍ତି, ତା'ହେଲେ ପିତା ଓ ସନ୍ତାନସନ୍ତତି ଏହି ପଦରେ ବସିବାରେ ସେ ଓ ତାଙ୍କ ବାପା ହେବେ ଦ୍ୱିତୀୟ ଯୋଡ଼ି। ତାଙ୍କ ବାପା ଜଷ୍ଟିସ ଇଏସ ଭେଙ୍କଟରମୈୟା ଦେଶର ଉନବିଂଶତମ ପ୍ରଧାନ ବିଚାରପତି ଥିଲେ।

'ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫' ଅନୁଯାୟୀ ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟ କରୁଥିବା ବିଚାରପତିମାନଙ୍କ ମଧ୍ୟରୁ ମାତ୍ର ୧୪% ହେଉଛନ୍ତି ମହିଳା। ତେଣୁ ଆସନ୍ତା କିଛି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ଆଖିଦୃଶିଆ ଭାବେ ବଢ଼ିବାର କୌଣସି ଆଶା ନାହିଁ।

ଯଦି ୨୦୨୭ରେ ଜଷ୍ଟିସ ବିଭି ନାଗରତ୍ନା ଦେଶର ପ୍ରଧାନ ବିଚାରପତି ହୁଅନ୍ତି, ତା'ହେଲେ ସେ ମାତ୍ର ୩୬ ଦିନ କାର୍ଯ୍ୟ କରି ଅବସର ନେବେ। ସେ ଏତେ କମ୍ ଦିନ ଏହି ପଦବୀରେ ରହିବା କଥା ଶୁଣି ଆପଣମାନେ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ତେବେ ଆପଣମାନେ ଜାଣି ଆହୁରି ଆଶ୍ଚର୍ଯ୍ୟ ହେବେ ଯେ ଜଷ୍ଟିସ କମଳ ନାରାୟଣ ସିଂହ ମାତ୍ର ୧୭ ଦିନ ପାଇଁ ଭାରତର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ସବୁଠାରୁ କମ୍ ଦିନ କାମ କରିବାର ରେକର୍ଡ ତାଙ୍କ ନାଁରେ ରହିଛି। ଜଷ୍ଟିସ ଏସ୍ ରାଜେନ୍ଦ୍ର ବାବୁ ୨୯ ଦିନ ପାଇଁ ପ୍ରଧାନ ବିଚାରପତି ହୋଇଥିଲେ। ଜଷ୍ଟିସ ଯଶବନ୍ତ ବିଷ୍ଣୁ ଚନ୍ଦ୍ରଚୂଡ଼ ସର୍ବାଧିକ ସମୟ ଧରି ଭାରତର ପ୍ରଧାନ ବିଚାରପତି ହୋଇଥିଲେ। ସେ ଏହି ପଦରେ ୭ ବର୍ଷ ୧୩୯ ଦିନ ଏହି ପଦରେ ରହିଥିଲେ। ସେ ହେଉଛନ୍ତି ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡି. ୱାଇ ଚନ୍ଦ୍ରଚୂଡ଼ଙ୍କ ବାପା।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଓ ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଜଣେ ବିଚାରପତି ସର୍ବନିମ୍ନ ବା ସର୍ବାଧିକ କେତେ ଦିନ ରହିବେ, ତାହା ସ୍ଥିର କରିବା ନେଇ ମଝିରେ ମଝିରେ ବିତର୍କ ହୋଇଛି। ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ପ୍ରଧାନ ବିଚାରପତି ଥିବା ବେଳେ ବିଭିନ୍ନ ରାଜ୍ୟର ହାଇକୋର୍ଟରେ ୮ ଜଣ ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତି ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିବା ଜଷ୍ଟିସ ରାଜୀବ ଶାକଧେର। ମୁଖ୍ୟ ବିଚାରପତି ଭାବେ ସେ ମାତ୍ର ୨୪ ଦିନ କାର୍ଯ୍ୟ କରି ଅବସର ନେଇଥିଲେ। ଫଳରେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥିଲା। ଭାରତର ୪୦ତମ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିଥିଲେ ଜଷ୍ଟିସ ପି.ଜି ସଦାଶିବମ। ସେ ୨୦୧୩ ଜୁଲାଇ ୧୯ରୁ ୨୦୧୪ ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରଧାନ ବିଚାରପତି ହୋଇଥିଲେ। ମୋଟାମୋଟି ସେ ୯ ମାସ ପାଇଁ ଏହି ପଦରେ କାର୍ଯ୍ୟ କରିଥିଲେ। ଅବସର ଗ୍ରହଣ କରିବାର ୨ ଦିନ ପୂର୍ବରୁ ଜଷ୍ଟିସ ପି.ଜି ସଦାଶିବମ କହିଥିଲେ ଯେ ସେ ବହୁତ ଜିନିଷ କରିବା ପାଇଁ ଭାବିଥିଲେ। କିନ୍ତୁ ଏତେ କମ୍ କାର୍ଯ୍ୟକାଳ ଯୋଗୁ ଯାହା ସବୁ ଭାବିଥିଲି କରିପାରିଲି ନାହିଁ।

## ପ୍ରଧାନ ବିଚାରପତିଙ୍କୁ ଜୋତା ମାଡ଼ ଉଦ୍ୟମ

ଦେଶର ସର୍ବୋଚ୍ଚ ଅଦାଲତରେ ଚାଲିଥିଲା ମାମଲାର ଶୁଣାଣି। ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ କୋର୍ଟ ରୁମରେ ଉପସ୍ଥିତ ରହିଥିଲେ। ସେ ମାମଲାର ଶୁଣାଣି କରୁଥିବା ବେଳେ ଘଟିଥିଲା ଅତ୍ୟନ୍ତ ନାଟକୀୟ ଘଟଣା। କୋର୍ଟ ରୁମରେ ଉପସ୍ଥିତ ଥିବା ଜଣେ ଓକିଲ ସିଧା ପ୍ରଧାନ ବିଚାରପତି ଜଷ୍ଟିସ ଗବାଇଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସେ କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କୁ ଜୋତା ମାଡ଼ କରିବାକୁ ଉଦ୍ୟମ କରିଥିଲେ। ତେବେ କୋର୍ଟ ରୁମରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀମାନେ ଅଭିଯୁକ୍ତ ଆଇନଜୀବୀଙ୍କୁ କାବୁ କରିବା ସହ ତାଙ୍କୁ ଟେକି ଟେକି ବାହାରକୁ ନେଇ ଆସିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ ବଳପୂର୍ବକ ବାହାରକୁ ଆଣୁଥିବା ବେଳେ ଆଇନଜୀବୀ ଜଣଙ୍କ ଚିତ୍କାର କରି କହିଛନ୍ତି ଯେ "ସନାତନ ଧର୍ମର ଅପମାନକୁ ଭାରତ କେବେ ହେଲେ ସହ୍ୟ କରିପାରିବ ନାହିଁ।" ମଧ୍ୟପ୍ରଦେଶର ଗୋଟିଏ ମନ୍ଦିରରେ ବିଷ୍ଣୁ ମୂର୍ତ୍ତି ସ୍ଥାପିତ କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ଗବାଇ ଆବେଦନକାରୀଙ୍କୁ କଟାକ୍ଷ କରି "ଯାଅ ଓ ମୂର୍ତ୍ତିକୁ ପଚାର" ବୋଲି ବୟାନ ଦେଇଥିଲେ। ଏହି ଘଟଣାକୁ ବେଶ୍ କିଛି ସପ୍ତାହ ବିତି ଯାଇଥିଲେ ହେଁ ସିଜେଆଇଙ୍କ ବୟାନକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।





ପରବର୍ତ୍ତୀ ଅବସ୍ଥାରେ ସିଜେଆଇ ଏହା ଉପରେ ସ୍ପଷ୍ଟୀକରଣ ଦେଇ ସେ ସବୁ ଧର୍ମକୁ ସମ୍ମାନ କରନ୍ତି ବୋଲି କହିଥିଲେ। ତଥାପି ଆଜି କୋର୍ଟ ରୁମରେ ଖୋଦ୍ ଜଣେ ଆଇନଜୀବୀ ତାଙ୍କୁ ଟାର୍ଗେଟ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଘଟଣା ପରେ ବି ସିଜେଆଇ ଜଷ୍ଟିସ ଗବାଇ ଆଦୌ ବିଚଳିତ ହୋଇ ନଥିଲେ। ସେ ପୂର୍ବଭଳି ଆବେଦନଗୁଡ଼ିକର ଶୁଣାଣି କରିଛନ୍ତି। ସେ କହିଛନ୍ତି, "ଏସବୁରେ ଆଦୌ ଧ୍ୟାନ ଦିଅନ୍ତୁ ନାହିଁ। ଏସବୁ ଘଟଣା ମୋତେ ପ୍ରଭାବିତ କରିପାରିବ ନାହିଁ। ଶୁଣାଣି ଜାରି ରଖନ୍ତୁ।"

ସୁପ୍ରିମକୋର୍ଟ ଆଇନଜୀବୀ ରୋହିତ ପାଣ୍ଡେ ଅଭିଯୁକ୍ତ ଓକିଲ ଜଣଙ୍କୁ ଚିହ୍ନଟ କରିବା ସହ ସେ ୨୦୧୧ରୁ ବାର ଆସୋସିଏସନର ସଦସ୍ୟ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ପ୍ରଧାନ ବିଚାରପତିଙ୍କ ମୂର୍ତ୍ତି ବୟାନ ଯୋଗୁ ଏପରି ଘଟଣା ଘଟିଛି। ବାର ଆସୋସିଏସନ ଘଟଣାକୁ କଡ଼ା ନିନ୍ଦା କରିବା ସହ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିବା ଶ୍ରୀ ପାଣ୍ଡେ ସୂଚନା ଦେଇଛନ୍ତି। କୋର୍ଟ ରୁମରେ ଶୁଣାଣି ଶେଷ ହେବା ପରେ ଆକ୍ରମଣ ଉଦ୍ୟମ ଘଟଣାରେ ସିଜେଆଇ ସର୍ବୋଚ୍ଚ ଅଦାଲତର ସୁରକ୍ଷାକର୍ମୀ ଓ ସଚିବଙ୍କ ସହ ବୈଠକ କରିଛନ୍ତି। ବାର ଆସୋସିଏସନର ସଦସ୍ୟମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶର ଜବାରୀ ମନ୍ଦିରରେ ୭ ଫୁଟର ବିଷ୍ଣୁ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ପାଇଁ ହୋଇଥିବା ଆବେଦନକୁ ସିଜେଆଇ ଖାରଜ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ "ଏହା ସଂପୂର୍ଣ୍ଣ ଭାବେ ଗୋଟିଏ ପ୍ରଚାର ସର୍ବସ୍ୱ ଆବେଦନ। ଯାଅ ଓ ଏବେ ପ୍ରତିମୂର୍ତ୍ତିକୁ କିଛି କରିବାକୁ କୁହ। ଆପଣ ନିଜକୁ ବିଷ୍ଣୁଙ୍କ ଭକ୍ତ ବୋଲି କହିଛନ୍ତି। ତେଣୁ ଯାଅ ଓ ତାଙ୍କ ପାଖରେ ପ୍ରାର୍ଥନା କର।" ଏହାକୁ ନେଇ ବିବାଦ ହେବାରୁ ସିଜେଆଇ ପରବର୍ତ୍ତୀ ଅବସ୍ଥାରେ କହିଥିଲେ ଯେ ବୟାନକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି ଓ ସେ ସବୁ ଧର୍ମକୁ ସମ୍ମାନ କରନ୍ତି।

## ଚାଇନା ଉପରେ ୧୦୦% ଟାରିଫ୍ ଲଗାଇଲେ ଟ୍ରମ୍ପ୍

ନୋବେଲ ଶାନ୍ତି ପୁରସ୍କାର ପାଇଁ ଗୋଡ଼ ଟେକି ବସି ନିରାଶ ହେବା ପରେ ବାଣିଜ୍ୟ ଯୁଦ୍ଧକୁ ତୀବ୍ର କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପ୍ରଥମ ପଦକ୍ଷେପ ସ୍ୱରୂପ ସେ ଚାଇନାଇରୁ ଆମଦାନୀ ହେଉଥିବା ସମସ୍ତ ଜିନିଷ ଉପରେ ୧୦୦% ଟାରିଫ ଲାଗୁ କରିଛନ୍ତି। ଏହି ନୂଆ ଟାରିଫ ନୀତି ନଭେମ୍ବର ୧ରୁ ଲାଗୁ ହେବ। ବିଶ୍ୱର ଅନ୍ୟତମ ବଡ଼ ଅର୍ଥନୀତିକ ରାଷ୍ଟ୍ର ହେଉଛି ଚାଇନା।



ତେଣୁ ଚାଇନା ଉପରେ ଏପରି ଟାରିଫ ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧକୁ ଆହୁରି ତୀବ୍ର କରିବ। ଚାଇନା ବାଣିଜ୍ୟକୁ ନେଇ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି ଓ ଆମେରିକା ଏହାର ଉପଯୁକ୍ତ ଜବାବ ଦେବ ବୋଲି ନିଜର ଟ୍ରୁଥ ସୋସିଆଲ୍‌ରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ବିଶ୍ୱର ଅନ୍ୟତମ ବଡ଼ ଅର୍ଥନୀତିକ ରାଷ୍ଟ୍ର ହେଉଛି ଚାଇନା। ତେଣୁ ଚାଇନା ଉପରେ ଏପରି ଟାରିଫ ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧକୁ ଆହୁରି ତୀବ୍ର କରିବ। ଚାଇନା ବାଣିଜ୍ୟକୁ ନେଇ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି ଓ ଆମେରିକା ଏହାର ଉପଯୁକ୍ତ ଜବାବ ଦେବ ବୋଲି ଟ୍ରମ୍ପ କହିଛନ୍ତି।

ସେ କହିଛନ୍ତି, ନଭେମ୍ବର ୧ କିମ୍ବା ଏହା ପୂର୍ବରୁ ଆମେରିକା ପକ୍ଷରୁ ଚାଇନା ଉପରେ ୧୦୦% ଟାରିଫ ଲଗାଯିବ। ଏହା ଚାଇନାର ପରବର୍ତ୍ତୀ ପଦକ୍ଷେପ କିମ୍ବା ଚାଇନାର ଯେକୌଣସି ପରିବର୍ତ୍ତନ ଉପରେ ନିର୍ଭର କରେ। ବର୍ତ୍ତମାନ ସେମାନେ ଦେଉଥିବା ଟାରିଫ ଠାରୁ ଅଧିକ ଚାର୍ଜ ଲାଗୁ କରାଯିବ। ଟ୍ରମ୍ପଙ୍କ କହିବା କଥା ଯେ ଏହି ନିଷ୍ପତ୍ତି ଏମିତି ଏକ ରିପୋର୍ଟ ଆଧାରରେ ନିଆଯାଇଛି, ଯେଉଁଥିରେ କୁହାଯାଇଛି ଯେ ଚାଇନା ନିଜର ପ୍ରାୟ ସମସ୍ତ ଜିନିଷ ଉପରେ ରପ୍ତାନୀ କଟକଣା ଲଗାଇବାକୁ ଯୋଜନା କରୁଛି। ଏହାକୁ ଟ୍ରମ୍ପ ଜୋରଦାର ବିରୋଧ କରିବା ସହ ଅନ୍ୟ ସମସ୍ତ ଦେଶ ପ୍ରତି ଅନ୍ୟାୟ ବୋଲି କହିଛନ୍ତି। ସେ କହିଛନ୍ତି, ବାଣିଜ୍ୟ ବ୍ୟବସ୍ଥାରେ ଚାଇନା ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଥିବା ଜଣାପଡ଼ିଛି। ଏହା ସମସ୍ତ ରାଷ୍ଟ୍ରକୁ ପ୍ରଭାବିତ କରିବ। ବର୍ଷ ବର୍ଷ ଧରି ଚାଇନା ଏପରି ଯୋଜନା କରି ଚାଲିଥିଲା। ଆମେ କଟକଣା ଲଗାଇବା ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଟାରିଫ ନଭେମ୍ବର ୧ରୁ ଲାଗୁ କରିବୁ। ବିଶେଷଜ୍ଞଙ୍କ କହିବା କଥା ଯେ, ଟ୍ରମ୍ପ ନିଜ ଜିଦରେ ଅଟଳ ରହିଲେ ସାଧାରଣ ବୈଦ୍ୟୁତିକ ସାମଗ୍ରୀ ଠାରୁ ବୈଦ୍ୟୁତିକ ଗାଡ଼ି ଯାଏ ଏହାର ପ୍ରଭାବ ଅନୁଭବ ହେବ। ବର୍ତ୍ତମାନ ଲାଗୁ ହେଉଥିବା ଟାରିଫ ଯୋଗୁ ଏହି କ୍ଷେତ୍ର ପ୍ରଭାବିତ ହୋଇଛି। ଆଗକୁ ଟାରିଫ ପରିମାଣ ବଢ଼ିଲେ ସ୍ଥିତି ଆହୁରି ସାଂଘାତିକ ହେବ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର